## ଅଲ୍ଲାଃ ତାଲାଙ୍କ ବାଣୀ

وَ كُنۡتُ عَلَيۡهِمۡ شَهِيۡدًا مَّا دُمۡتُ فِيۡهِمۡ ۚ
فَلَمَّا تَوَفَّيۡتَنِىۡ كُنۡتَ اَنۡتَ الرَّقِيۡبَ
عَلَيۡهِمۡ ؕ وَاَنۡتَ عَلٰى كُلِّ شَىۡءٍ شَهِيۡدٌ

(سورۃ المائدہ:118)

ଅନୁବାଦ- ଏବଂ ଯେ ପର୍ଯ୍ୟନ୍ତ ଆମ୍ଭେ ସେମାନଙ୍କ ମଧ୍ୟରେ ଥିଲୁ, ସେ ପର୍ଯ୍ୟନ୍ତ ଆମ୍ଭେ ସେମାନଙ୍କର ତତ୍ତ୍ୱାବଧାରକ ଥିଲୁ; କିନ୍ତୁ ଯେତେବେଳେ ତୁମ୍ଭେ ଆମ୍ଭର ପ୍ରାଣନାଶ କଲ (ସେତେବେଳେ) ତୁମ୍ଭେ ହିଁ ସେମାନଙ୍କର ତତ୍ତ୍ୱାବଧାରକ ଥିଲ; (ଆମ୍ଭେ ନ ଥିଲୁ) ଏବଂ ତୁମ୍ଭେ ହିଁ ସକଳ ବିଷୟର ତତ୍ତ୍ୱାବଧାରକ ।

*(ସୁରଃ- ମାଇଦା: ୧୧୮)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 47

ସାପ୍ତାହିକ
ବଦର
Weekly
BADAR
କାଦିଆନ
Qadian
Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

25 ନଭେମ୍ବର 2021    25 ନବୁଓ୍ୱତ୍ 1400 ହି.ଶ    19 ରବିଉଲ୍ ସାନି 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ହଜରତ ମୁହମ୍ମଦ ସ:ଆ:ସ କହିଛନ୍ତି ଯେ ହଜରତ ଅବୁବକର ର:ଅଙ୍କୁ ଶ୍ରେଷ୍ଠତା ସେହି ଜିନିଷ ପାଇଁ ପ୍ରତିପାଦନ ହୋଇଛି ଯାହା ତାଙ୍କ ହୃଦୟ ଭିତରେ ବିଦ୍ୟମାନ ରହିଛି । ବାସ୍ତବପକ୍ଷେ ହଜରତ ଅବୁବକର ର:ଅ ଯେଉଁ ସତ୍ୟନିଷ୍ଠା ପ୍ରଦର୍ଶନ କରିଛନ୍ତି, ତାହାର ଉଦାହରଣ ଖୋଜିବା କଷ୍ଟକର ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ହଜରତ ଅବୁବକର ର:ଅଙ୍କ ଅପୂର୍ବ ସତ୍ୟ

ହଜରତ ମୁହମ୍ମଦ ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ସିଦ୍ଦିକ୍ (ଅର୍ଥାତ ସତ୍ୟବାଦୀ)ର ଯେଉଁ ଆଖ୍ୟା ଦେଇଛନ୍ତି, ଅଲ୍ଲାଃ ତାଲା ଭଲ ଭାବରେ ଏହା ଜାଣିଛନ୍ତି ଯେ ତାଙ୍କ ନିକଟରେ କ'ଣ ସବୁ ସିଦ୍ଧତା ରହିଥିଲା । ଏକଥା ମଧ କହିଛନ୍ତି ଯେ ହଜରତ ଅବୁବକର ର:ଅଙ୍କ ଶ୍ରେଷ୍ଠତା ସେହି ଜିନିଷ ଯୋଗୁଁ ପ୍ରତିପାଦନ ହୋଇଛି ଯାହା ତାଙ୍କ ହୃଦୟ ଭିତରେ ବିଦ୍ୟମାନ । ବାସ୍ତବପକ୍ଷେ ହଜରତ ଅବୁବକର ର:ଅ ଯେଉଁ ସତ୍ୟନିଷ୍ଠା ପ୍ରଦର୍ଶନ କରିଛନ୍ତି, ତାହାର ଉଦାହରଣ ଖୋଜିବା କଷ୍ଟକର ଏବଂ ସତ୍ୟ ହେଉଛି ଏହା କି ପ୍ରତ୍ୟେକ ଯୁଗରେ ଯିଏ ବି ସିଦ୍ଦିକଙ୍କ ସିଦ୍ଧତା/ଉତ୍କର୍ଷତା କୁ ପ୍ରାପ୍ତ କରିବାକୁ ଇଚ୍ଛା ପୋଷଣ କରେ ତା' ପାଇଁ ଏହା ଆବଶ୍ୟକ ଯେ ସେ ନିଜ ଭିତରେ ହଜରତ ଅବୁବକର ର:ଅଙ୍କ ଚରିତ୍ର ଓ ପ୍ରକୃତିକୁ ସୃଷ୍ଟି କରିବା ପାଇଁ ପ୍ରାଣପଣେ ପ୍ରଚେଷ୍ଟା କରୁ ଓ ପୁଣି ଯଥାସମ୍ଭବ ପ୍ରାର୍ଥନା କରୁ । ଯେପର୍ଯ୍ୟନ୍ତ ଜଣେ ହଜରତ ଅବୁବକର ର:ଅ ପ୍ରକୃତିର ଛାୟା ନିଜ ଉପରେ ଆଚ୍ଛାଦିତ ନ କରିଛି ଏବଂ ତାହାଙ୍କ ରଙ୍ଗରେ ରଙ୍ଗିନ ନ ହୋଇଯାଇଛି, ସେହି ସିଦ୍ଧତା ଓ ଉତ୍କର୍ଷତା ହାସଲ ହୋଇପାରିବ ନାହିଁ ।

### ଅବୁବକରଙ୍କ ପ୍ରକୃତି ଓ ସ୍ୱଭାବ କ'ଣ ?

ଅବୁବକରଙ୍କ ସ୍ୱଭାବ କ'ଣ ଥିଲା ଆ ଉପରେ ବିସ୍ତୃତ ଆଲୋଚନା ଓ ବର୍ଣ୍ଣନା କରିବା ପାଇଁ ଏଠାରେ ସମୟ ନାହିଁ କାରଣ ଏଥିପାଇଁ ବହୁତ ସମୟ ଦରକାର । ସଂକ୍ଷେପରେ ମୁଁ ଏଠାରେ ଗୋଟିଏ ଘଟଣା ବର୍ଣ୍ଣନା କରୁଅଛି ଯେ ଯେତେବେଳେ ହଜରତ ମୁହମ୍ମଦ ସ:ଆ:ସ ନୁବଓ୍ୱତ୍‌ର ଘୋଷଣା କଲେ ସେତେବେଳେ ହଜରତ ଅବୁବକର ର:ଅ ଶାମ୍ (ଅର୍ଥାତ ସିରିଆ) ଯାଇଥିଲେ । ସେ ଯେତେବେଳେ ଫେରିଲେ, ସେ ରାସ୍ତାରେ ଥିଲେ ଯେ ଜଣେ ଲୋକ ତାଙ୍କୁ ରାସ୍ତାରେ ଭେଟିଲେ । ତା'ଠାରୁ ମକ୍କାର ପରିସ୍ଥିତି ବିଷୟରେ ପଚାରି ବୁଝିଲେ ଓ କହିଲେ ଯେ କିଛି ତାଜା ଖବର ଶୁଣାଅ । ଏହା ଏକ ଚିରାଚରିତ କଥା ଯେ ଯେତେବେଳେ ଜଣେ ବ୍ୟକ୍ତି ଯାତ୍ରାରୁ ଫେରିଥାଏ ଓ ତାକୁ ଯଦି କୌଣସି ନିଜ ଇଲାକାର ଲୋକ ମିଳିଯାଏ ସେତେବେଳେ ସେ ନିଜ ମାତୃଭୂମିର ଅବସ୍ଥା ପଚାରି ବୁଝିଥାଏ । ଓ ତାକୁ ଯଦି କୌଣସି ନିଜ ଇଲାକାର ଲୋକ ମିଳିଯାଏ ସେତେବେଳେ ନିଜ ମାତୃଭୂମିର ଅବସ୍ଥା ପଚାରି ବୁଝିଥାଏ । ସେହି ବ୍ୟକ୍ତି ଜଣକ ତାଙ୍କୁ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ସର୍ବ ସାଧାରଣରେ ଯେଉଁ ଜିନ୍ନମାନଙ୍କୁ ଲୋକପ୍ରିୟତା ମିଳିଥାଏ, ସେମାନଙ୍କର କୌଣସି ଅସ୍ତିତ୍ୱ ହିଁ ନାହିଁ ଏବଂ ରସୁଲେ୍ କରିମ୍ ସ:ଆ:ସଙ୍କ ଉପରେ ଯେଉଁ ଜିନ୍ନମାନେ ବିଶ୍ୱାସ ଆଣିଥିଲେ ସେମାନେ ମଣିଷ ହିଁ ଥିଲେ ।**

ସୁରତୁଲ୍ ଜିନ୍ନ ଏବଂ ସୁରଃ ଅହ୍‌କାଫ୍‌ରୁ ଜଣାପଡୁଛି ଯେ ଜିନ୍ନମାନଙ୍କର ଗୋଟିଏ ଗୋଷ୍ଠୀ ହଜରତ ମୁହମ୍ମଦ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିଲା ଏବଂ ହଦିସ୍‌ରୁ ମଧ ଜଣା ପଡୁଛି ଯେ ଜିନ୍ନମାନଙ୍କର ଗୋଟିଏ ପ୍ରତିନିଧିମଣ୍ଡଳ ରସୁଲେ୍ କରିମ୍ ସ:ଆ:ସଙ୍କ ସହିତ ସାକ୍ଷାତ କରିବା ପାଇଁ ଆସିଥିଲା । ସୟଦନା ହଜରତ ମୁସ୍‌ଲେହ ମଉଦ୍ ର:ଅ ଏ ସମ୍ବନ୍ଧରେ କହିଛନ୍ତି:-

ଏବେ ଦେଖିବାକୁ ପଡ଼ିବ ଯେ ରସୁଲେ୍ କରିମ୍ ସ:ଆ:ସଙ୍କ ସମୟରେ ଯେଉଁ ଜିନ୍ନମାନେ ଇମାନ୍ (ବିଶ୍ୱାସ) ଅଣିଥିଲେ, ସେମାନେ କେଉଁ ପ୍ରକାରର ପ୍ରାଣୀ ଥିଲେ ? ଏ ସମ୍ବନ୍ଧରେ ପବିତ୍ର କୁର୍‌ଆନ୍‌ରୁ ପ୍ରମାଣ ମିଳୁଛି ଯେ ସେମାନେ ଇହୁଦୀ ଥିଲେ । ଅଲ୍ଲାଃ ତାଲା ସେମାନଙ୍କୁ ଏଥି ସକାଶେ ଜିନ୍ନ କହିଥିଲେ ଯେ ସେମାନେ ବାହାରୁ ଆସିଥିବା ଲୋକ ଥିଲେ ଏବଂ ସେମାନେ ରସୁଲେ୍ କରିମ୍ ସ:ଆ:ସଙ୍କ ସଙ୍ଗେ ଗୁପ୍ତ ଭାବରେ ମିଶିଥିଲେ । କିଛି ହଦିସ୍‌ରୁ ଜଣାପଡୁଛି ଯେ ସେମାନେ ନସିବୈନ୍ ର ଅଧିବାସୀ ଥିଲେ ଓ ରାତ୍ରି ସମୟରେ ରସୁଲେ୍ କରିମ୍ ସ:ଆ:ସଙ୍କ ସହିତ ସାକ୍ଷାତ କରିଥିଲେ (ବୁଖାରୀ କିତାବ୍ ମନାକିବୁଲ୍ ଅନ୍‌ସାର ଓ୍ୱ ମୁସ୍‌ଲିମ୍ ଖଣ୍ଡ-୧) ଫେରିବା ପରେ ସେମାନଙ୍କ ସମ୍ପ୍ରଦାୟର ଲୋକ ଓ ସେମାନଙ୍କ ମଧରେ ଯେଉଁ ଘଟଣା ଘଟିଲା, ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ସେ ବିଷୟ ବର୍ଣ୍ଣନା କରିଛନ୍ତି । ବୋଧ ହୁଏ ଆରବୀୟମାନଙ୍କ ବିରୋଧ ଯୋଗୁଁ ସେମାନେ ଗୁପ୍ତରେ ମୁହମ୍ମଦ ସ:ଆ:ସଙ୍କ ସହିତ ଭେଟ କରିଥିଲେ ଓ ମହାଭାଗ ସ:ଆ:ସଙ୍କଠାରୁ ପବିତ୍ର କୁର୍‌ଆନ୍ ଶୁଣିଲେ । ଫେରିବା ପରେ ସେମାନଙ୍କର ହୃଦୟ ସାକ୍ଷ୍ୟ ଦେଲା ଯେ ମହାଭାଗ ସ:ଆ:ସ ସତ୍‌ପୁରୁଷ ଅଟନ୍ତି ତେଣୁ ନିଜ ସମ୍ପ୍ରଦାୟ/ଜାତି ମଧରେ ତବ୍‌ଲିଗ୍ (ଅର୍ଥାତ ଧର୍ମର ପ୍ରଚାର ପ୍ରସାର) ଆରମ୍ଭ କରିଦେଲେ ।

ସେହି ଜିନ୍ନମାନେ ମଣିଷ ଥିଲେ ବୋଲି ନିମ୍ନଲିଖିତ ବିଷୟ ପ୍ରମାଣ କରିଥାଏ । (୧) ପ୍ରଥମତଃ ସେମାନେ ଗୁପ୍ତରେ ଭେଟିଥିଲେ । ଯଦି ସେମାନେ ଜିନ୍ନ ଥିଲେ ତେବେ (ଗୁପ୍ତ ଓ ଲୁକ୍କାୟିତ ଭାବରେ) ରାତି ବେଳା ସାକ୍ଷାତ କରିବାର କ'ଣ ଆବଶ୍ୟକ ଥିଲା । ଯଦି ସେମାନେ ଖୋଲାଖୋଲି ସାକ୍ଷାତ କରିଥାନ୍ତେ ତା'ହେଲେ ତାଙ୍କର କିଏ କ'ଣ

## ନବୀ ସ:ଆ:ସଙ୍କ ବାଣୀ

### ସର୍ବୋତମ କର୍ମ

(୧୫୧୯) ହଜରତ ଅବୁ ହୁରୈରାଃ ର:ଅଙ୍କଠାରୁ ରିଓ୍ୱାୟତ (ବର୍ଣ୍ଣିତ) ଅଛି ଯେ ନବୀ କରିମ୍ ସ:ଆ:ସଙ୍କୁ ପଚରାଗଲା ଯେ କର୍ମମାନଙ୍କ ମଧରୁ କେଉଁ କର୍ମଟି ସର୍ବୋତମ ? ମହାଭାଗ ସ:ଆ:ସ କହିଲେ: ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ଉପରେ ବିଶ୍ୱାସ ଆଣିବା ପୁଣି ପଚାରାଗଲା: ତା'ପରେ କେଉଁ କର୍ମ ? ମହାଭାଗ ସ:ଆ:ସ କହିଲେ: ଅଲ୍ଲାଃ ତାଲାଙ୍କ ମାର୍ଗରେ ଜିହାଦ୍ କରିବା । ପଚରାଗଲା: ପୁଣି କେଉଁ କର୍ମ ? କହିଲେ: ଏପରି ହଜ୍ ଯାହା ସମ୍ପୂର୍ଣ୍ଣ ପୂଣ୍ୟ ଏବଂ ଆଜ୍ଞାବହତା ଉପରେ ଆଧାରିତ ହୋଇଥିବ ।

### ହଜ୍‌ର ଗୁରୁତ୍ୱ

(୧୫୨୧) ହଜରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ କରିମ୍ ସ:ଆ:ସ କହିଲେ:- ଯିଏ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ହଜ୍ କରିବ ଓ ଯୌନ ତଥା କାମ ସମ୍ବନ୍ଧୀୟ କଥା ହେବନାହିଁ ଏବଂ ଅଲ୍ଲାଃଙ୍କ ଆଦେଶଗୁଡ଼ିକୁ ଅବମାନନା କରିବ ନାହିଁ, ଏପରି ବ୍ୟକ୍ତି (ଏମିତି ପବିତ୍ର ହୋଇ) ସେଠାରୁ ଫେରିବ ଯେମିତି ସେ ସେହିଦିନ (ପବିତ୍ର) ଥିଲା, ଯେଉଁ ଦିନ ତା' ମାଆ ତାକୁ ଜନ୍ମ କରିଥିଲା । । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ହଜ୍, ମୁଦ୍ରିତ କାଦିଆନ୍ ୨୦୦୮)***

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧୨୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିକ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । *(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)*

କରିପାରିଥାନ୍ତା ଏବଂ ଜିନ୍ନମାନଙ୍କର ଯେଉଁ ପ୍ରତାପ ବର୍ଣ୍ଣନା କରାଯାଇଅଛି, ସେ ଦୃଷ୍ଟିକୋଣରୁ ସେମାନଙ୍କୁ କିଏ ବା ଦେଖି ପାରିଥାନ୍ତା ?

ଦ୍ୱିତୀୟତଃ ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା ଏ ଆଦେଶ ଦେଇଛନ୍ତି ଯେ:- **ଲିତୁ'ମିନୁ ବିଲ୍ଲାହି ୱ ରସୁଲିହି ୱ ତୁଅଜ୍ଜିରୁହୁ ୱ ତୁୱକ୍‌କିରୁହୁ (ସୁରଃ ଫତହ୍:୧୦)** ଅର୍ଥାତ ହେ ବିଶ୍ୱାସକାରୀମାନେ ! ଆମେ ଏହି ରସୁଲ୍‌ଙ୍କୁ ଏଥିପାଇଁ ପଠାଇଛୁ ଯେ ତୁମେମାନେ ତାଙ୍କୁ ସାହାଯ୍ୟ ସହଯୋଗ କରିବ ଓ ତାଙ୍କ ସମ୍ମାନକୁ ସାରା ଦୁନିଆରେ ପ୍ରତିଷ୍ଠା କରିବ । ଯଦି ଜିନ୍ନମାନେ ବିଶ୍ୱାସ ଆଣିଥିଲେ ତେବେ ସେମାନେ କେଉଁ ପ୍ରକାରର ସାହାଯ୍ୟ ରସୁଲୁଲ୍ଲାଃ ସ:ଆ:ସଙ୍କୁ କରୁଥିଲେ । କୁହାଯାଏ ଯେ ଏହି ଜିନ୍ନମାନେ ଲୋକମାନଙ୍କ ମୁଣ୍ଡରେ ଚଢ଼ି ଯାଇଥାନ୍ତି ଓ ନାନା ପ୍ରକାରର ଫଳ ଆଣି ଦେଇଥାନ୍ତି । ତା'ହେଲେ ଏମାନେ କେଉଁ ପ୍ରକାରର ମୋମିନ୍ (ବିଶ୍ୱାସକାରୀ) ଥିଲେ ଯେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କ ଉପରେ ଅତ୍ୟାଚାର ଉପରେ ଅତ୍ୟାଚାର ହୋଇ ଚାଲିଥିଲା କିନ୍ତୁ ଏହି ମୋମିନ୍ ମାନେ କେମିତି ନିର୍ଦ୍ଦୟତାର ସହ ଏହା ସବୁ ଦେଖି ଚାଲିଥିଲେ ଯେବେ କି କାଫିର୍ (ଅମାନ୍ୟକାରୀ) ଜିନ୍ନମାନେ ହଜରତ ସୁଲେମାନ୍‌ଙ୍କ ପାଇଁ କିଲ୍ଲା ତିଆରି କରିଦେଲେ ଏବଂ ନିଚରୁ ନିଚ ଓ ଅପମାନଜନକ କାର୍ଯ୍ୟ ତାଙ୍କ ଖାତିର୍ କରିଦେଲେ । କିନ୍ତୁ (ମୁହମ୍ମଦ ସ:ଆ:ସଙ୍କ ଉପରେ ଇମାନ୍ ଆଣିଥିବା) ଏହି ମୋମିନ୍ ଜିନ୍ନମାନେ ଅବୁ ଜହଲ୍ ଇତ୍ୟାଦି (ଖଳ) ଲୋକମାନଙ୍କୁ ଦଣ୍ଡ ଦେଲେନାହିଁ । ପୁଣି ଏହି ଜିନ୍ନମାନେ ଲୋକମାନଙ୍କୁ ଅଣରିତୀୟ (ଅର୍ଥାତ ବେ ମୌସମ୍ / ଅଣ ସିଜିନ୍) ଫଳ ଆଣି ଦେଇ ଦେଉଥିଲେ । କିନ୍ତୁ ମୁହମ୍ମଦ ସ:ଆ:ସଙ୍କ ଉପରେ ଇମାନ୍ ଆଣି ସେମାନଙ୍କୁ ଏ ସୌଭାଗ୍ୟ ମଧ୍ୟ ମିଳିଲା ନାହିଁ ଯେ ଖନ୍ଦକ ଯୁଦ୍ଧ ଅବସରରେ ଯେତେବେଳେ ମୁସଲମାନମାନେ ଓ ସ୍ୱୟଂ ମହାଭାଗ ସ:ଆ:ସ ଭୋକରେ ଆଉଟୁ ପାଉଟୁ ହେଉଥିଲେ ଏବଂ ଏହି ଭୋକ ଯୋଗୁଁ ମହାଭାଗ ସ:ଆ:ସ ଓ ସାହାବାମାନେ ପେଟରେ ପଥର ବାନ୍ଧି ବୁଲୁଥିଲେ, ସେତେବେଳେ ଏମାନେ ମହାଭାଗ ସ:ଆ:ସଙ୍କ ପାଇଁ ଓ ମହାଭାଗ ସ:ଆ:ସଙ୍କ ସାହାବାମାନଙ୍କ ପାଇଁ ଜଅ(ବାର୍ଲି)ରେ ତିଆରି ହୋଇଥିବା ରୋଟି ହିଁ ଆଣିଦେଇଥାନ୍ତେ କି । ଏହା ତ ଇମାନ୍ (ବିଶ୍ୱାସ)ର ଲକ୍ଷଣ ନୁହେଁ ବରଂ ପ୍ରଥମ ଶ୍ରେଣୀର ଦୁଷ୍କର୍ମର ଲକ୍ଷଣ । କିନ୍ତୁ ପବିତ୍ର କୁର୍‌ଆନ୍ ତ ଏହା କହିଛି ଯେ ସେମାନେ ସଚ୍ଚୋଟ ଏବଂ ନିଷ୍ଠାବାନ ଥିଲେ । ଏଥିରୁ ସ୍ପଷ୍ଟ ହେଉଛି ଯେ ଯେଉଁ ଜିନ୍ନମାନଙ୍କ ବିଷୟରେ ସୁରଃ ଜିନ୍ନରେ ବର୍ଣ୍ଣନା କରାଯାଇଅଛି, ସେମାନେ ନା ତ କାହା ମୁଣ୍ଡରେ ବସିଥିଲେ, ନା ମଣିଷକୁ କବ୍‌ଜା କରିପାରିଥିଲେ ଓ ନା ମଣିଷକୁ ହଇରାଣ ହରକତ କରିପାରିଥିଲେ ଓ ନା ସେମାନେ ତାଙ୍କ ପାଇଁ କୌଣସି ଜିନିଷ ଆଣି ଦେବାର ଶକ୍ତି ରଖିଥିଲେ । ଏହି ପ୍ରକାରର ଜିନ୍ନ କେବଳ ସେହି ଲୋକମାନଙ୍କ ମୁଣ୍ଡରେ ଅଛନ୍ତି । ପବିତ୍ର କୁର୍‌ଆନ୍ ଏହି ପ୍ରକାରର ଜିନ୍ନମାନଙ୍କୁ ସ୍ୱୀକାର କରେନାହିଁ । ପବିତ୍ର କୁର୍‌ଆନ୍ ଜିନ୍ନମାନଙ୍କର ଯେଉଁ କିସମ ବର୍ଣ୍ଣନା କରିଛି ତାହା ହେଉଛି ସେହି କିସମର ଯେଉଁ କିସମ ସମ୍ବନ୍ଧରେ ମୁଁ ବର୍ଣ୍ଣନା କରି ଆସିଲି । ରସୁଲେ୍ କରିମ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିବା ଜିନ୍ନମାନେ ମଧ୍ୟ ସେହି କିସମର ଥିଲେ । ସେମାନେ ଇହୁଦୀ ଥିଲେ ରସୁଲୁଲ୍ଲାଃ ସ:ଆ:ସଙ୍କ କଥା ଶୁଣିଲେ ଓ ନିଜ ଘରକୁ ଚାଲିଗଲେ ଏବଂ ପୁଣି ଇମାନ୍ (ବିଶ୍ୱାସ) ଆଣିବାପାଇଁ ନିଷ୍ପତି କଲେ ଏବଂ ନିଜ ସମ୍ପ୍ରଦାୟରେ ଯାଇ ରସୁଲୁଲ୍ଲାଃ ସ:ଆ:ସଙ୍କ ବାର୍ତ୍ତା ମଧ୍ୟ ପହଂଚାଇଥିଲେ । ସେମାନେ ଆରବଠାରୁ ହଜାର ହଜାର ମାଇଲ୍ ଦୂରରେ ରହୁଥିଲେ । ପରେ ଏକଥା କୁହାଯାଇପାରିବ ନାହିଁ ଯେ ସେମାନେ ଅଲ୍ଲାଃଙ୍କ ଦୂତଙ୍କ ବିଷୟରେ କୌଣସି ଖବର ପାଇଛନ୍ତି କି ନାହିଁ । ଏହି କାରଣରୁ ସେମାନେ ଇସ୍‌ଲାମିକ୍ ଯୁଦ୍ଧରେ କୌଣସି ଭାଗ ନେଇପାରିନଥିଲେ ।

ତୃତୀୟ ପ୍ରମାଣ ଏ ବିଷୟରେ ଏହା କି ଜିନ୍ନମାନେ ମଣିଷ ଥିଲେ । ଅଲ୍ଲାଃ ତାଲା ରସୁଲ୍‌ମାନଙ୍କ ସମ୍ବନ୍ଧରେ କହିଛନ୍ତି ଯେ: ଏହି ରସୁଲ୍‌ମାନେ **ମିନ୍ ଅନ୍‌ଫୁସିହିମ୍ ଏବଂ ମିନ୍‌ହୁମ୍** ହୋଇଥାନ୍ତି । ଅର୍ଥାତ ଯେଉଁମାନଙ୍କ ପାଇଁ ଆସିଥାନ୍ତି, ସେହି କୌମ୍ (ସମ୍ପ୍ରଦାୟ/ ଜାତି)ର ହୋଇଥାନ୍ତି । ତେଣୁ ଅଲ୍ଲାଃ ତାଲା ଏହା କହିଛନ୍ତି ଯେ:- **ୱ ୟୋମା ନବ୍‌ଅସୁ ଫି କୁଲ୍ଲି ଉମ୍ମତିନ୍ ଶହିଦନ୍ ଆଲୈହିମ୍ ମିନ୍ ଅନ୍‌ଫୁସିହିମ୍ ୱ ଜିଇନା ବିକା ଶହିଦନ୍ ଅଲା ହାଉଲାଇ (ଅଲ୍-ନହଲ୍:୯୦)** ଅର୍ଥାତ କୟାମତ୍ ଦିନ ପ୍ରତ୍ୟେକ ଉମ୍ମତ (ସମ୍ପ୍ରଦାୟ)ର ରସୁଲ୍‌ଙ୍କୁ ସେମାନଙ୍କ ସଂପ୍ରଦାୟ ପାଇଁ ସାକ୍ଷୀ କରି ଛିଡ଼ା କରାଯିବ ଏବଂ ମୁହମ୍ମଦଙ୍କ ରସୁଲୁଲ୍ଲାଃଙ୍କୁ ମୁସଲମାନମାନଙ୍କ ଉପରେ ଏବଂ ସେ ସମୟର ଲୋକମାନଙ୍କ ଉପରେ ସାକ୍ଷୀ ଭାବରେ ପ୍ରେରଣ କରାଯିବ । ଯଦି ଜିନ୍ନମାନେ କୌଣସି ଜାତିର ହୋଇଥିବେ ଓ ସେମାନେ ବିଶ୍ୱାସ ଆଣିଥିବେ ତେବେ ସେମାନଙ୍କ ପାଇଁ ସାକ୍ଷୀ କିଏ ଦେବ ? ମୁସା ତ' ଜିନ୍ନ ନଥିଲେ ଯେ ତାଙ୍କୁ ସେହି ଜିନ୍ନମାନଙ୍କ ବିଷୟରେ ପଚରାଯିବ, ଯେଉଁମାନେ ତାଙ୍କ ଉପରେ ବିଶ୍ୱାସ ଆଣିଥିଲେ । ସେହିପରି ରସୁଲେ୍ କରିମ୍ ସ:ଆ:ସ ମାନବ ଥିଲେ । ତାଙ୍କର ଜିନ୍ନମାନଙ୍କ ସହିତ କୌଣସି ସମ୍ପର୍କ ନଥିଲା । ତେଣୁ ମହାଭାଗ ସ:ଆ:ସ ଜିନ୍ନମାନଙ୍କ ସମ୍ବନ୍ଧରେ ସାକ୍ଷୀ ହୋଇପାରିବେ ନାହିଁ । **ମିନ୍ ଅନ୍‌ଫୁସିହିମ୍** ର ଅର୍ଥ ହେଉଛି ପୂର୍ବରୁ ଆସିଥିବା ଅମ୍ବିୟା (ଅର୍ଥାତ ଭବିଷ୍ୟଦ୍‌ବକ୍ତାମାନଙ୍କ) ସମୟର ଜାତି ସମୂହ ଏବଂ ରସୁଲେ୍ କରିମ୍ ସ:ଆ:ସଙ୍କ ସମ୍ବନ୍ଧକୁ କହିଲେ ଏହା ତାଙ୍କ ଯୁଗ ପରେ ଥିବା ସମସ୍ତ ମାନବ ସମାଜ ପାଇଁ ଉଦ୍ଦିଷ୍ଟ । ଅତଏବ ଜିନ୍ନ ଯଦି ମଣିଷ ପରି ଏକ ଜୀବ ତା'ହେଲେ ସେମାନେ ଅକାରଣେ ରହିଯାଉଛନ୍ତି ନା ପୂଣ୍ୟ/ ପୁରସ୍କାର ପାଇବାର ଯୋଗ୍ୟ ନା ଦଣ୍ଡ ପାଇବାର ଯୋଗ୍ୟ ।

ଏହି ଦାବିକୁ ସମର୍ଥନ କରୁଥିବା ଚତୁର୍ଥ ପ୍ରମାଣ ହେଉଛି ଏହା କି ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା କହିଛନ୍ତି:- **ୟା ମାଶରଲ୍ ଜିନ୍ନି ୱଲ୍ ଇନ୍‌ସି ଅଲମ୍ ୟାତିକୁମ୍ ରସୁଲୁମ୍ ମିନ୍‌କୁମ୍ ୟକୁସ୍‌ସୁନା ଆଲୈକୁମ୍ ଆୟାତି ୱ ୟୁନ୍‌ଜିରୁନକୁମ୍ ଲିକାଆ ୟୋମିକୁମ୍ ହାଜା (ଅଲ୍‌ଅନ୍‌ଆମ୍:୧୩୧)**

ଅର୍ଥାତ:- ହେ ଜିନ୍ନ ଓ ମାନବ ଗୋଷ୍ଠୀ ! କ'ଣ ତୁମମାନଙ୍କ ମଧ୍ୟରୁ ତୁମମାନଙ୍କ ନିକଟକୁ ରସୁଲ୍‌ମାନେ ଆସି ନଥିଲେ ଯେଉଁମାନେ କି ତୁମମାନଙ୍କୁ ଆମ୍ଭର ନିଦର୍ଶନଗୁଡ଼ିକୁ ପାଠ କରି ଶୁଣାଉଥିଲେ ତଥା ତୁମମାନଙ୍କୁ ଆଜି ଦିନର ସାକ୍ଷାତ ସଂକ୍ରାନ୍ତରେ ଭୟ ପ୍ରଦର୍ଶନ କରାଉଥିଲେ ।

ଏହି ଆୟତରେ ସ୍ପଷ୍ଟ ଭାବରେ ଲେଖାଯାଇଛି ଯେ ଜିନ୍ନମାନଙ୍କ ନିମନ୍ତେ ସେମାନଙ୍କ କୌମ୍/ସମ୍ପ୍ରଦାୟର ନବୀ ଆସିଛନ୍ତି ଓ ମାନବ ମାନଙ୍କ ପାଇଁ ମାନବ ମାନଙ୍କ ମଧ୍ୟରୁ ନବୀ ଆସିଛନ୍ତି । ଏବେ ଜିନ୍ନମାନେ ଯଦି ଅନ୍ୟ କୌଣସି ପ୍ରାଣୀ ତେବେ ଏହି ଆୟତ ଅନ୍ତର୍ଗତ ନା ତ ମୁସା ସେମାନଙ୍କ ନବୀ ହୋଇପାରିବେ ନା ନବୀ କରିମ୍ ସ:ଆ:ସ । କାରଣ ଏହି ଆୟତ ଅନ୍ତର୍ଗତ କେବଳ ଜିନ୍ନ ନବୀ ହିଁ ଜିନ୍ନମାନଙ୍କ ନିକଟକୁ ଆସିଥିଲେ । ହଁ ଯଦି ଜିନ୍ନମାନଙ୍କୁ ମଣିଷ ମାନଙ୍କର ଏକ ଗୋଷ୍ଠୀ ଭାବରେ ବିବେଚନା କରାଯିବ ତା'ହେଲେ ଅବଶ୍ୟ ସେମାନେ ମୁସା ଏବଂ ଆଁ ହଜରତ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିଲେ ବୋଲି କୁହାଯାଇପାରିବ ।

ଏହାର ପଂଚମ ପ୍ରମାଣ ହେଉଛି ଏହା କି ସର୍ବ ସାଧାରଣରେ ଯେଉଁ ଜିନ୍ନମାନଙ୍କୁ ଲୋକପ୍ରିୟତା ମିଳିଥାଏ, ସେମାନଙ୍କର କୌଣସି ଅସ୍ତିତ୍ୱ ହିଁ ନାହିଁ ଏବଂ ରସୁଲେ୍ କରିମ୍ ସ:ଆ:ସଙ୍କ ଉପରେ ଯେଉଁ ଜିନ୍ନମାନେ ବିଶ୍ୱାସ ଆଣିଥିଲେ ସେମାନେ ମଣିଷ ହିଁ ଥିଲେ । ଅଲ୍ଲାଃ ତାଲା ଜହନ୍ନୁମ୍ (ନର୍କ) ସମ୍ବନ୍ଧରେ କହିଛନ୍ତି **ଫତ୍‌ତକୁନ୍ ନାରଲ୍ଲତି ୱକୁଦୁହନ୍ ନାସୁ ୱଲ୍ ହିଜାରତୁ (ଅଲ୍‌ବକ୍‌ରାଃ:୨୫)** ଅର୍ଥାତ ନର୍କରେ ମଣିଷ ପଡ଼ିବେ ବା ପଥର ଇତ୍ୟାଦି ପରି ଜ୍ୱଳନ୍ତ ଉପକରଣ ହେବେ । ଯଦି ଜିନ୍ନ କୌଣସି ବୁଦ୍ଧିମାନ ଜୀବ ହୋଇଥାନ୍ତେ ତେବେ ଏମିତି କୁହାଯାଇଥାନ୍ତା **ୱକୁଦୁହନ୍ ନାସୁ ୱଲ୍‌ଜିନ୍ନୁ ୱଲ୍ ହିଜାରତୁ** । ସୁତରାଂ ଯେଉଁ ସ୍ଥଳେ ପବିତ୍ର କୁର୍‌ଆନ୍ ଜିନ୍ନମାନଙ୍କୁ ନର୍କଗାମୀ ବୋଲି ଦର୍ଶାଇଛି ସେଠାରେ ମଣିଷ ମାନେ ହିଁ ଜିନ୍ନ ଅଟନ୍ତି ନା କି ଅନ୍ୟ କୌଣସି ପ୍ରାଣୀ । ***(ତଫ୍‌ସୀର୍ କବୀର୍ ଖଣ୍ଡ-୪, ପୃ-୬୬ ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

କହିଲେ ଯେ ନୂଆ କଥା ହେଉଛି ଏହା କି ତୁମର ସାଙ୍ଗ (ମୁହମ୍ମଦ ସ:ଆ:ସ) ପୈଗମ୍ବର ହେବାର ଦାବି କରିଛି । ସେ (ଅର୍ଥାତ ଅବୁବକର ର:ଅ) ଶୁଣିବା ମାତ୍ରେ କହିଲେ ଯଦି ସେ (ଅର୍ଥାତ ମୁହମ୍ମଦ ସ:ଆ:ସ) ଏପରି ଦାବି କରିଛି ତା'ହେଲେ ସେ ନିଶ୍ଚିତ ରୂପେ ସତ୍ୟ କହିଛି । ଏଥିରୁ ଜଣାପଡୁଛି ଯେ ମହାଭାଗ ସ:ଆ:ସଙ୍କ ଉପରେ ତାଙ୍କର (ଅର୍ଥାତ ଅବୁବକର ର:ଅଙ୍କର) ମନୋଭବ ବହୁତ ଭଲ ଥିଲା । କୌଣସି ଐଶିଚମତ୍କାରର ଆବଶ୍ୟକତା ମଣିଲେ ନାହିଁ । ପ୍ରକୃତ କଥା ହେଉଛି ଏହା କି ଐଶି ଚମତ୍କାର ଏପରି ବ୍ୟକ୍ତି ଖୋଜିଥାଏ ଯିଏ ପରିସ୍ଥିତି ବିଷୟରେ ଅବଗତ ନଥାଏ, ପରିଚିତ ନଥାଏ ତେଣୁ ସେ ସାନ୍ତ୍ୱନା ପାଇବା ପାଇଁ କହେ । କିନ୍ତୁ ଯାହାର କୌଣସି ଅସ୍ୱୀକାର ହିଁ ନାହିଁ ତାକୁ ଚମତ୍କାରର କ'ଣ ଆବଶ୍ୟକତା ରହିଛି । ଅତଏବ ହଜରତ ଅବୁବକର ସିଦ୍ଦିକ୍ ରାସ୍ତାରେ ଶୁଣି ବିଶ୍ୱାସ ନେଇ ଆସିଲେ ଏବଂ ଯେତେବେଳେ ମକ୍କାରେ ପହଂଚିଲେ, ହଜରତ ମୁହମ୍ମଦ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ ଜାଣିବାକୁ ଚାହିଁଲେ ଯେ କ'ଣ ଆପଣ ନବୁଓ୍ୱତ୍‌ର ଦାବି କରିଛନ୍ତି କି ? ମହାଭାଗ ସ:ଆ:ସ କହିଲେ ହଁ ଏହା ଠିକ୍ କଥା । ଏଥିରେ ହଜରତ ଅବୁବକର ସିଦ୍ଦିକ୍ ର:ଅ କହିଲେ ଯେ ଆପଣ ସାକ୍ଷୀ ରୁହନ୍ତୁ ଯେ ମୁଁ ଆପଣଙ୍କ ଉପରେ ସର୍ବପ୍ରଥମେ ବିଶ୍ୱାସ ଆଣୁଛି । କିନ୍ତୁ ଏହା କେବଳ କଥା ହିଁ ନଥିଲା ବରଂ ସେ ଏହାକୁ ନିଜ କାର୍ଯ୍ୟରେ କରି ଦେଖାଇଲେ ଓ ଏପରି କରି ଦେଖାଇଲେ ଯେ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହାକୁ ପୂରଣ କରିଥିଲେ ଏବଂ ମୃତ୍ୟୁ ପରେ ମଧ୍ୟ ସାଙ୍ଗ ଛାଡ଼ିନଥିଲେ । ***(ମଲ୍‌ଫୁଜାତ, ଖଣ୍ଡ-୧, ପୃ-୩୩୭, ମୁଦ୍ରିତ କାଦିଆନ୍ ୨୦୧୮)***

⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

''ପ୍ରଭୁଙ୍କ ରାଣ ! ମତେ ତ ଏହା ପସନ୍ଦ ଯେ ମୁଁ ଏପରି ନଜାତ୍ (ମୋକ୍ଷ) ପାଇଯାଏ କି *ଲା ଆଲୟା ୱ୍ଲାଲି* ଅର୍ଥାତ ମୋ ପାଇଁ କୌଣସି ଦଣ୍ଡ ନଥିବ ଓ ନା ମୋ ପାଇଁ କୌଣସି ପୁରସ୍କାର ଥିବ ।

ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ୱ୍ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା ।

ପାଂଚଜଣ ମର୍‌ହୁମୀନ୍: ସାହେବ୍‌ଜାଦି ଆସ୍‌ଫା ମସ୍‌ଉଦାଃ ବେଗମ ସାହିବା ପତ୍ନୀ ଡ଼ାକ୍ତର ମିର୍ଜା ମୁବଶିର୍ ଅହ୍‌ମଦ୍ ସାହେବ୍, ମୋକରମା କାଲାରା ସାହିବା ପତ୍ନୀ ରୌଲାନ୍ ସାଇନ୍ ବାଇଫ୍ ସାହେବ ପୂବର୍ତନ ଅମୀର୍ ଜମାତ୍ କଜାକିସ୍ତାନ, ୱ୍ଙ୍ଗ କମାଣ୍ଡର ଅବ୍‌ଦୁର୍ ରଶିଦ୍ ସାହେବ୍, ମୋକରମା ଜୁବେଦାଃ ବେଗମ୍ ସାହିବା ପତ୍ନୀ କରିମ୍ ଅହ୍‌ମଦ୍ ନଇମ୍ ସାହେବ୍ ଆଫ୍ ଆମେରିକା ଏବଂ ମୋକରମ୍ ହଫିଜ୍ ଅହ୍‌ମଦ୍ ଘମନ୍ ସାହେବଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୨୨ ଅକ୍ଟୋବର ୨୦୨୧ ଅନୁଯାୟୀ ୨୨ ଇଖା ୧୪୦୦ ହିଜ୍‌ରି ଶମ୍‌ସି)**

ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରେ ମୁଁ ହଜ୍‌ରତ୍ ଉମର୍ ର:ଅଙ୍କ ଶହାଦତ୍ ପ୍ରସଙ୍ଗରେ ହଜରତ ଉବୈଦୁଲ୍ଲାଃ ବିନ୍ ଉମର୍ ର:ଅ ଓ ହଜରତ ଉସ୍‌ମାନ୍ ର:ଅଙ୍କ ପାରସ୍ପରିକ ବଚସାର ଚର୍ଚ୍ଚା କରିଥିଲି । ଏହି ପ୍ରସଙ୍ଗରେ ଅଧିକ ଅନୁସନ୍ଧାନ କରିବାରୁ ଜ୍ଞାତ ହେଲା ଯେ, ସେହି ବଚସା ସମୟରେ ହଜରତ ଉସମାନ ର:ଅ ଖିଲାଫତ୍ ଆସନରେ ବିରାଜିତ ହୋଇନଥିଲେ ଅର୍ଥାତ ଉକ୍ତ ଘଟଣାଟି ତାଙ୍କ ଖଲିଫା ହେବା ପୂର୍ବବର୍ତୀ ଘଟଣା ଥିଲା । ପ୍ରଥମେ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କର ଉଦ୍ଦେଶ୍ୟ ଥିଲା ଯେ ସେ ମଦିନାରେ ଉପସ୍ଥିତ ସମସ୍ତ କଏଦୀ ଓ ଦାସମାନଙ୍କୁ ନିଜ ପିତାଙ୍କ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ହତ୍ୟା କରିଦେବେ କିନ୍ତୁ ପ୍ରବାସକାରୀ ସାହାବାମାନେ ତାଙ୍କୁ ବୁଝାସୁଝା କରିବାରୁ ସେ ସେହି ଅମାନୁଷିକ କାର୍ଯ୍ୟରୁ ବିରତ ରହିଥିଲେ । କାରଣ ହଜରତ ଅମ୍‌ରୋ ବିନ୍ ଆସ୍ ର:ଅ ଏହି ବୁଝାଇବା କାର୍ଯ୍ୟ କରିବା ପାଇଁ ଉବୈଦୁଲ୍ଲାଃ ବିନ୍ ଉମରଙ୍କ ସହିତ ଲାଗି ରହିଲେ ଫଳତଃ ଉବୈଦୁଲ୍ଲାଃ ନିଜ ଖଣ୍ଡା ହଜରତ ଉମ୍‌ରୋ ବିନ୍ ଆସଙ୍କୁ ପ୍ରଦାନ କରିଦେଇଥିଲେ । ସେଥିଅନ୍ତେ ସାଆଦ୍ ବିନ୍ ଅବି ୱ୍କାସ ଉବୈଦୁଲ୍ଲାଃଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ଅର୍ଥାତ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ ବୁଝାସୁଝା କଲେ କିନ୍ତୁ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅ ତାଙ୍କ ସହିତ ମଧ ଝଗଡ଼ା କରିଥିଲେ । ଯେମିତି କି ଏକଥା ବର୍ଣ୍ଣନା ସରିଛି ଯେ ହଜରତ ଉସ୍‌ମାନ୍ ର:ଅଙ୍କ ସହିତ ଝଗଡ଼ା ହୋଇଥିଲା ଓ ଲୋକମାନେ ଝଗଡ଼ାକୁ ରୋକି ଦେଇ ମିମାଂସା କରିଦେଇଥିଲେ । ଏ ସମ୍ବନ୍ଧରେ ଏହା ମଧ ମିଳୁଛି ଯେ ଯେତେବେଳେ ଏ ଘଟଣା ଘଟିଲା । ସେତେବେଳେ ପର୍ଯ୍ୟନ୍ତ ହଜରତ ଉସ୍‌ମାନ୍ ର:ଅ ଖଲିଫା ଭାବରେ ନିର୍ବାଚିତ ହୋଇନଥିଲେ । ***(ସିରତ୍ ଉମର ଫାରୁକ୍ ଅଜ୍ ମୁହମ୍ମଦ୍ ରଜା......ପୃ-୩୪୨-୩୪୩......... ଲାହୋର୍ ୨୦୧୦)***

ଯେତେବେଳେ ହଜରତ ଉସମାନ ର:ଅ ଖଲିଫା ହେଲେ ସେତେବେଳେ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ ଆପଣଙ୍କ ସମ୍ମୁଖରେ ଉପସ୍ଥିତ କରାଗଲା ସେହି ସମୟରେ ହଜରତ ଅଲୀ ପରାମର୍ଶ ଦେଲେ ଯେ, ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ ମୃତ୍ୟୁଦଣ୍ଡାଦେଶ ଦିଆଯାଉ । କିନ୍ତୁ ଅନ୍ୟ ସାହାବାମାନେ ତାହା ବିପରୀତ ମନ୍ତବ୍ୟ ଦେଇ କହିଲେ କାଲି ହିଁ ହଜରତ ଉମର ର:ଅଙ୍କ ଦେହାନ୍ତ ହୋଇଛି ଯଦି ଆଜି ତାଙ୍କ ପୁତ୍ରକୁ ମୃତ୍ୟୁଦଣ୍ଡାଦେଶ ଦିଆଯାଏ ତେବେ ଏହା ତ ଅତି ଅସହ୍ୟ ଓ ନିଷ୍ଠୁର କାର୍ଯ୍ୟ ହେବ ଏହି ଆପତି ଉପସ୍ଥିତ ମଣ୍ଡଳିକୁ ସ୍ତମ୍ଭୀଭୂତ କରିଦେଲା ଏଥିରେ ହଜରତ ଅଲୀ ନୀରବ ପଡ଼ିଗଲେ ସେ ଯାହା ହେଉ ହଜରତ ଉସମାନ୍ ଇଚ୍ଛା ପ୍ରକାଶ କଲେ ଯେ, ଉପସ୍ଥିତ ସଜ୍ଜନ ମଣ୍ଡଳିରୁ ଅନ୍ୟ କେହି ଉତମ ମନ୍ତବ୍ୟ ଦିଅନ୍ତୁ । ଅତଏବ ହଜରତ ଉମରୋ ବିନ୍ ଆସ କହିଲେ ପରମେଶ୍ୱର ଆପଣଙ୍କୁ ଉକ୍ତ ଘଟଣାରୁ ପୃଥକ ରଖିବ କାରଣ ସେତେବେଳେ ଅର୍ଥାତ ସେହି ଘଟଣା ସମୟରେ ଆପଣ ମୁସଲମାନମାନଙ୍କର ସରଦାର ଅର୍ଥାତ ଖଲିଫା ମୃତୟନ ନଥିଲେ । ଖିଲାଫତ୍ ଆସନରେ ଆପଣ ବିରାଜମାନ ହୋଇନଥିଲେ ତେଣୁ ଆପଣଙ୍କୁ ଉକ୍ତ ପ୍ରସଙ୍ଗରେ କୌଣସି ପ୍ରଶ୍ନ ହେବନାହିଁ । କିନ୍ତୁ ସେଥିରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଆଶ୍ୱସ୍ତ ହେଲେନାହିଁ ଏବଂ ଏକଥାକୁ ଉଚିତ ମଣିଲେ ଯେ ଖୁନ୍‌ବହା ଦିଆଯାଉ ଅର୍ଥାତ ହତ୍ୟା ହୋଇଥିବା ବ୍ୟକ୍ତିର ପରିଜନଙ୍କୁ କ୍ଷତିପୂରଣ ଦିଆଯାଉ: ତେଣୁ ହଜରତ ଉସ୍‌ମାନ୍ କହିଲେ: ମୁଁ ସେହି ହତ୍ୟା ହୋଇଥିବା ଲୋକମାନଙ୍କର ଅଭିଭାବକ ତେଣୁ କ୍ଷତିପୂରଣ ଧାର୍ଯ୍ୟ କରି ମୁଁ ତାହା ପ୍ରଦାନ କରିବି । ***(ସୟଦନା ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୮୮୧-୮୮୨.... କୁତୁବ୍ ଖାନା ଲାହୋର୍)*** ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜ ଧନସମ୍ପତିରୁ ହତ୍ୟା ହୋଇଥିବା ବ୍ୟକ୍ତିଙ୍କ ପରିଜନଙ୍କୁ କ୍ଷତିପୂରଣ ପ୍ରଦାନ କରିଦେଇଥିଲେ ।

ତବ୍‌ରୀର ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି, ହଜ୍‌ରତ୍ ଉସ୍‌ମାନ୍ ର:ଅ କିସାସ୍ ପାଇଁ ଅର୍ଥାତ ଜୀବନ ବଦଳରେ ଜୀବନ ନେବା ପାଇଁ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ ହୁର୍ମଜାନର ପୁତ୍ର ହାତକୁ ଟେକି ଦେଇଥିଲେ ଯେ, ବର୍ତମାନ ତୁମେ ଯାହା ଇଚ୍ଛା କରିପାର କାରଣ ସେ ତୁମ ପିତାଙ୍କୁ ହତ୍ୟା କରିଛନ୍ତି କିନ୍ତୁ ସେ ନିଜ ପିତା'ର ପ୍ରତିଶୋଧ ନେଲେନାହିଁ ଓ ଉବୈଦୁଲ୍ଲାଃ ବିନ୍ ଉମରଙ୍କୁ ହତ୍ୟା କରିବା ପରିବର୍ତେ କ୍ଷମା କରିଦେଇଥିଲେ । ହଜରତ ମୁସ୍‌ଲେହ ମଉଦ ର:ଅ ଏହାର ବ୍ୟାଖ୍ୟା କରି ଲେଖିଛନ୍ତି ଏବଂ ଏହି ଘଟଣା ବିଷୟରେ ମୁଁ ପୂର୍ବରୁ ଗୋଟିଏ ଖୁତ୍‌ବାରେ ଆଲୋଚନା କରିସାରିଛି କିନ୍ତୁ ଏଠାରେ ମୁଁ ପୂର୍ନବାର ବୟାନ କରିଦେଉଛି ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ତବ୍‌ରୀରେ କୁମାଜ୍‌ବାନ୍ ବିନ୍ ହର୍ମୁଜାନ୍ ନିଜ ପିତାଙ୍କ ହତ୍ୟା ଘଟଣାର ଚର୍ଚ୍ଚା କରି କୁହନ୍ତି: ହୁର୍ମଜାନ ଜଣେ ଇରାନୀ ଧର୍ନାଢ଼୍ୟ ଓ ମଜୁସି ଧର୍ମର ବ୍ୟକ୍ତି ଥିଲେ । ହଜରତ ଉମର ର:ଅଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରିବାର ସନ୍ଦେହ ତା' ଉପରେ କରାଯାଇଥିଲା ବିନା କୌଣସି ଅନୁସନ୍ଧାନରେ ଉବୈଦୁଲ୍ଲାଃ ବିନ୍ ଉମର ର:ଅ କ୍ରୋଧରେ ଜର୍ଜରିତ ହୋଇ ତାକୁ ହତ୍ୟା କରିଦେଲେ । କୁମାଜ୍‌ବାନ୍ ବିନ୍ ହୁର୍ମଜାନ୍ ପୁଣି ଉଲ୍ଲେଖ କରିଛି ଯେ ଇରାନୀମାନେ ମଦିନାରେ ପରସ୍ପର ସହିତ ମିଳିମିଶି ଚଳୁଥିଲେ ଯେପରି ହିଜର୍‌ତକାରୀ ଅନ୍ୟ ଦେଶରେ ଶରଣ ନେଇ ରହିଥାନ୍ତି । ଦିନେ ହଜରତ ଉମର ର:ଅଙ୍କ ହତ୍ୟାକାରୀ ଫିରୋଜ ମୋ ପିତା ସହିତ ସାକ୍ଷାତ କଲା ଯାହା ନିକଟରେ ଗୋଟିଏ ଅସ୍ତ୍ର ରହିଥିଲା ଯାହାର ଦୁଇଟି ଫଳକ ରହିଥିଲା ଏବଂ ସେ ତାହାକୁ ବେଶ୍ ଧାରୁଆ କରିଦେଇଥିଲା ମୋ ପିତା ଉକ୍ତ ଅସ୍ତ୍ରକୁ ଧରି ତାକୁ ପଚାରିଲେ ତୁମେ ଏହି ଦେଶରେ ଏତଦ୍‌ଦ୍ୱାରା କ'ଣ କରିବ ? ଅର୍ଥାତ ଏହି ଅସ୍ତ୍ର ଦ୍ୱାରା କଣ କରିବ ଏଠାରେ ତ ଚାରିଆଡ଼େ ଶାନ୍ତି ବିଦ୍ୟମାନ ତେଣୁ ଏଠାରେ ଅସ୍ତ୍ରର ଆବଶ୍ୟକତା କଣ ରହିଛି ? ସେ ଉତର ଦେଲା ଏତଦ୍‌ଦ୍ୱାରା ମୁଁ ଓଟମାନଙ୍କୁ ଘଉଡ଼ାଇବି । ଯେତେବେଳେ ସେମାନେ ଏହି ବାର୍ତାଳାପ କରୁଥିଲେ କେହି ଜଣେ ତାଙ୍କୁ ଦେଖିଥିଲେ ଏବଂ ପରେ ଯେତେବେଳେ ହଜରତ ଉମର ର:ଅ ଶହୀଦ ହେଲେ ସେତେବେଳେ ସେ କହିଲେ ଅର୍ଥାତ ସେ ସମୟରେ ଦେଖିଥିବା ଲୋକଜଣକ କହିଲା ଏହି ଅସ୍ତ୍ରଟି ମୁଁ ହୁର୍ମଜାନ ଓ ଫିରୋଜଙ୍କ ନିକଟରେ ଦେଖିଥିଲି । ଏଥିରେ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅ ଯେ କି ହଜରତ ଉମର ର:ଅଙ୍କ ସାନପୁତ୍ର ଥିଲେ ସେ ହୁର୍ମଜାନକୁ ବଦ୍ଧ କରିଦେଲେ । ଯେତେବେଳେ ହଜ୍‌ରତ୍ ଉସ୍‌ମାନ୍ ର:ଅ ଖଲିଫା ହେଲେ ସେ ମତେ ଡ଼କାଇଲେ ଏବଂ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅକୁ ଧରି ଆଣି ମତେ ସମର୍ପଣ କଲେ ଏବଂ କହିଲେ, ହେ ମୋର ପୁତ୍ର ଏ ତୁମ ପିତା'ର ହତ୍ୟାକାରୀ ତେଣୁ ତୁମେ ଆମ ଅପେକ୍ଷା ଆ

ଉପରେ ଅର୍ଥାତ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅ ଉପରେ ଅଧିକ ଅଧିକାର ରଖୁଛ ତେଣୁ ତୁମର ଯେମିତି ଇଚ୍ଛା ସେମିତି ବ୍ୟବହାର ଆଙ୍କ ସହିତ କରିପାର । ସୁତରାଂ ଯାଅ ଏବଂ ତାକୁ ବନ୍ଧ କରିଦିଅ । ଫଳତଃ ମୁଁ ତାଙ୍କୁ ନେଇ ସହରର ବାହାରକୁ ଚାଲିଗଲି ରାସ୍ତାରେ ଯେ କେହି ଆମ ସହିତ ସାକ୍ଷାତ ହେଉଥିଲା ସେ ଆମ ସହିତ ସମ୍ମିଳିତ ହୋଇଯାଉଥିଲା କିନ୍ତୁ କେହି ହେଲେ ଆମର ମୁକାବିଲା କରୁନଥିଲେ । ମତେ କେବଳ ଲୋକମାନେ ଏତିକି ନିବେଦନ କରୁଥିଲେ ଯେ, ତାଙ୍କୁ ଛାଡ଼ି ଦିଅ ଅର୍ଥାତ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ କ୍ଷମା କର । ମୁଁ ସମସ୍ତଙ୍କୁ କହିଲି କ'ଣ ମୁଁ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅକୁ ବନ୍ଧ କରିବାର ଅଧିକାର ରଖୁନାହିଁ କି ? ସଭିଏଁ ଉତର ଦେଲେ ହଁ ତୁମେ ପୂର୍ଣ୍ଣ ଅଧିକାର ରଖୁଛ । ସେ ନିଶ୍ଚିତ ରୂପେ ଭୂଲ କରିଛନ୍ତି । ପୁନଶ୍ଚ ମୁଁ କହିଲି କ'ଣ ତୁମେମାନେ ତାଙ୍କୁ ମୋଠାରୁ ଛଡ଼େଇ ନେବାର ଅଧିକାର ରଖୁଛ ସଭିଏଁ ଗୋଟିଏ ସ୍ୱରରେ କହିଲେ, କଦାପି ନୁହେଁ ଏଥିରେ ହୁର୍ମଜାନର ପୁତ୍ର ପରମେଶ୍ୱର ଓ ଲୋକମାନଙ୍କ ଖାତିର୍ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ କ୍ଷମା କରିଦେଇଥିଲେ । ଯଦ୍ୱାରା ମୁସଲମାନମାନେ ତାଙ୍କୁ ନିଜ କାନ୍ଧ ଉପରେ ଉଠାଇ ନେଲେ ଏବଂ ସେ କୁହନ୍ତି ମୋ ପାଦକୁ ତଳେ ରଖିବାକୁ ଲୋକମାନେ ଦେଲେନାହିଁ । ଏଠାରେ ଏକ ପ୍ରଶ୍ନ ଉଦ୍ଧୃତ ହୋଇଥାଏ ଯେ, କ'ଣ ଜଣେ କାଫିର୍ ଅର୍ଥାତ ଅବିଶ୍ୱାସକାରୀଙ୍କୁ ହତ୍ୟା କରିଥିବା ମୁସଲମାନ ହତ୍ୟାକାରୀକୁ ଦଣ୍ଡବିଧାନ କରାଯାଇପାରେ ବା ନୁହେଁ ? ଏହାର ଉତର ଦେଇ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ଘଟଣାର ଚର୍ଚ୍ଚା କରି କୁହନ୍ତି ଯେ ଏହି ଘଟଣାରୁ ପ୍ରମାଣିତ ହେଉଛି ଯେ, ସାହାବାଙ୍କ ଅମଳରେ ଅର୍ଥାତ କର୍ମରେ ଏକଥା ଅର୍ନ୍ତଭୁକ୍ତ ଥିଲା ଯେ ସେମାନେ ଜଣେ କାଫିର୍ (ଅର୍ଥାତ ଈଶ୍ୱରଙ୍କ ଉପରେ ବିଶ୍ୱାସ ନ ରଖିଥିବା ବ୍ୟକ୍ତି)ଙ୍କୁ ହତ୍ୟା କରିଥିବା ଜଣେ ମୁସଲମାନ ହତ୍ୟାକାରୀକୁ ମଧ୍ୟ ଦଣ୍ଡ ବିଧାନ କରିବାରୁ ପଛଘୁଂଚା ଦେଉନଥିଲେ ଏବଂ ଏକଥା ମଧ୍ୟ ପ୍ରମାଣିତ ହେଉଛି ଯେ, ହତ୍ୟାକାରୀକୁ କଏଦ କରିବା ଓ ଦଣ୍ଡ ବିଧାନ କରିବା ପ୍ରଶାସନର କାର୍ଯ୍ୟ । ହୁର୍ମଜାନର କୌଣସି ସମ୍ପର୍କୀୟ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ ବନ୍ଦି କରିବାର କୌଣସି ବର୍ଣ୍ଣନା ମିଳୁନାହିଁ ଅର୍ଥାତ ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ ହୁର୍ମଜାନର କୌଣସି ସମ୍ପର୍କୀୟ ଧରିନଥିଲେ ବରଂ ପ୍ରଶାସନ ଧରିଥିଲା ଅର୍ଥାତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କୁ ହଜରତ ଉସ୍‌ମାନ୍ ଗିରଫ୍ କରିଥିଲେ ଓ ତାଙ୍କୁ ହର୍ମୁଜାନ୍‌ର ପୁଅ ହାତରେ ଅର୍ପଣ କରିଦେଇଥିଲେ ।

ଏଠାରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି: ଏହି ସନ୍ଦେହକୁ ନିବାରଣ କରିବା ମଧ୍ୟ ଜରୁରୀ ଯେ ହତ୍ୟାକାରୀକୁ ଦଣ୍ଡ ଦେବାପାଇଁ କଣ ମୃତକର ପରିଜନଙ୍କୁ ସମର୍ପଣ କରିଦେବା ଉଚିତ ଯେପରି କି ହଜରତ ଉସ୍‌ମାନ୍ ର:ଅ ପ୍ରଦର୍ଶନ କରିଥିଲେ । ସ୍ମରଣ ରହୁ ଯେ ଏହି ମାମଲା ଏକ ଅସ୍ଥାୟୀ ଓ ଆଂଶିକ ମାମଲା । ତେଣୁ ଇସ୍‌ଲାମ୍ ଏହାକୁ ପ୍ରତ୍ୟେକ ଯୁଗର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛି ଅର୍ଥାତ ପରିସ୍ଥିତି ଅନୁକୂଳ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛି । ଜାତି ନିଜ ସଂସ୍କୃତି ଓ ଅବସ୍ଥା ଅନୁଯାୟୀ ଯେଉଁ ମାର୍ଗକୁ ଅଧିକ ଫଳପ୍ରଦ ମଣିବ ତାହାକୁ ଆପଣେଇ ପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବିଶେଷ ପରିସ୍ଥିତିରେ ଏହି ଦୁଇ ପନ୍ଥା ହିଁ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ । ***(ତଫ୍‌ସୀର୍ କବୀର, ଖଣ୍ଡ-୬, ପୃ-୩୫୯-୩୬୧)***

ଏହି ସ୍ୱଷ୍ଟିକରଣ ଦେବା ପରେ ମୁଁ ଏବେ ହଜରତ ଉମର ର:ଅଙ୍କ ଆଉ କିଛି ଘଟଣା ବିଷୟରେ ଚର୍ଚ୍ଚା କରିଦେଉଛି । ହଜରତ ଉମର ର:ଅଙ୍କ ବିଳାପ, ବିନମ୍ର ଓ ଦୟାଶୀଳତାର ଅବସ୍ଥା କିପରି ଥିଲା ? ଏ ସମ୍ବନ୍ଧରେ ତାଙ୍କ ପୁତ୍ର ବର୍ଣ୍ଣନା କରିଛନ୍ତି ଯେ, ଏପରି ଥିଲା ଯେ ସେ ନିଜ ଅନ୍ତିମ ସମୟରେ ନିଜ ପୁତ୍ରକୁ କହିଲେ ମୋ ଅନ୍ତ୍ୟେଷ୍ଟିକ୍ରିୟାରେ ମତେ କଫନ୍ ଦେବା ସମୟରେ ମଧ୍ୟମ ମାର୍ଗକୁ ଅବଲମ୍ବନ କରିବ ଯଦି ପ୍ରଭୁଙ୍କ ନିକଟରେ ମୋ ପାଇଁ ଉତମ ପ୍ରତିଫଳ ନିୟତ ରହିଥିବ ତେବେ ମତେ ଆବୃତ କରାଯାଇଥିବା ସାମାନ୍ୟତମ କଫନକୁ ସେ ଉତ୍କୃଷ୍ଟ ବସ୍ତ୍ରରେ ରୁପାନ୍ତରିତ କରିଦେବେ । ଯଦି ତାହା ବ୍ୟତିତ ଥିବ ତେବେ ସେହି ସାମାନ୍ୟ ବସ୍ତ୍ର ମଧ୍ୟ ସେ ମୋଠାରୁ ଛଡ଼େଇ ନେବେ ଏବଂ ଏଥିରେ ଶିଘ୍ରତା ଅବଲମ୍ବନ କରିବେ । ପୁନଶ୍ଚ ସେ କହିଲେ ମୋର କବର ମଧ୍ୟ ମଧ୍ୟମ ଧରଣର କରିବ କାରଣ ଯଦି ଅଲ୍ଲାଃଙ୍କ ନିକଟରେ ମୋ ପାଇଁ ଉତମ ପ୍ରତିଫଳ ନିୟତ ରହିଥିବ ତେବେ ସେ ତାହାକୁ ଏପରି ବଢ଼ାଇ ଦେବେ ଯେଉଁ ପର୍ଯ୍ୟନ୍ତ କି ମୋର ଦୃଷ୍ଟି ପହଂଚୁନଥିବ । କିନ୍ତୁ ଯଦି ତାହା ବ୍ୟତିତ ଥିବ ତେବେ ସେ ତାହାକୁ ମୋ ପାଇଁ ସଙ୍କୁଚିତ କରିଦେବେ ଯଦ୍ୱାରା ମୋ ପଞ୍ଜରା ଭାଙ୍ଗି ଚୁରମାର ହୋଇଯିବ । ପୁନଶ୍ଚ ସେ କହିଲେ, ମୋ ଯନାଜାଃ ସାଥିରେ କୌଣସି ମହିଳାକୁ ନେବ ନାହିଁ ଏବଂ ମୋର ଏଭଳି ପ୍ରଶଂସା କରିବନାହିଁ ଯାହାକି ମୋ ସ୍ୱଭାବରେ ମୋ ଆଚରଣରେ ନଥିବ । କାରଣ ଅଲ୍ଲାଃ ମତେ ଭଲ ରୂପେ ଜାଣନ୍ତି । ମୋତେ କବରସ୍ଥାନକୁ ନେବା ସମୟରେ ଶିଘ୍ରତା କରିବ ଯଦି ଅଲ୍ଲାଃ ଙ୍କ ନିକଟରେ ମୋ ପାଇଁ ଉତମ ପ୍ରତିଫଳ ନିୟତ ରହିଥିବ ତେବେ ତାହା ମୋ ପକ୍ଷରେ ଶ୍ରେୟସ୍କର ଏବଂ ଯଦି ତାହା ବ୍ୟତିତ ହୋଇଥିବ ତେବେ ତୁମେ ନିଜ ଗଳାରୁ ସେହି ଦୁଷ୍ଟତାପୂର୍ଣ୍ଣ ବୋଝକୁ ଓହ୍ଲାଇ ଦେବ ଯାହାକି ତୁମେ ବହନ କରିଥିବ ।

***(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୨୭୩....... ବେରୁତ ୧୯୯୦)***

ଏତଦ୍‌ବ୍ୟତିତ ଏପରି ବର୍ଣ୍ଣନା ମଧ୍ୟ ମିଳୁଅଛି ଯେ, ହଜରତ ଉମର ର:ଅ ଓ୍ୱସିୟତ କରିଥିଲେ ଯେ, ମୋତେ ମୁସ୍କ ଅର୍ଥାତ କସ୍ତୁରୀ ଆଦିରେ ସ୍ନାନ ଦେବନାହିଁ ।

***(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୨୭୯....... ବେରୁତ ୧୯୯୦)***

ହଜରତ ଉସ୍‌ମାନ୍ ବିନ୍ ଅଫାନ୍ ର:ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହଜରତ ଉମର ର:ଅଙ୍କ ନିକଟକୁ ଗଲି ଓ ସେତେବେଳେ ମୁଁ ଦେଖିବାକୁ ପାଇଲି ଯେ ତାଙ୍କ ମସ୍ତକ ତାଙ୍କ ପୁତ୍ର ହଜରତ ଉବୈଦୁଲ୍ଲାଃ ବିନ୍ ଉମର ର:ଅଙ୍କ ଜଙ୍ଘ ଉପରେ ରହିଥିଲା ଏବଂ ହଜରତ ଉମର ର:ଅ ନିଜ ପୁତ୍ରକୁ କହୁଥିଲେ ଯେ, ମୋ ଗାଲ ଭୂଇଁରେ ରଖିଦିଅ ସେ ଉତର ଦେଲେ ମୋ କୋଳ ଓ ଭୂଇଁ ମଧ୍ୟରେ ବେଶିକିଛି ତଫାତ୍ ନାହିଁ ଅର୍ଥାତ ବିଶେଷ ଦୂରତା ନାହିଁ । ହଜରତ ଉମର ର:ଅ ଦୁଇ ତିନିଥର ଏହି ସମାନ କଥା ତାଙ୍କୁ କହିଲେ ପୁନଶ୍ଚ ହଜରତ ଉମର ନିଜ ଗୋଡ଼କୁ ପରସ୍ପର ସହିତ ଯୋଡ଼ି ଦେଲେ । ବର୍ଣ୍ଣନାକାରୀ କୁହନ୍ତି: ମୁଁ ହଜରତ ଉମର ର:ଅଙ୍କୁ ଏହା କହୁଥିବାର ଶୁଣିବାକୁ ପାଇଲି ଯେ ସେ ଏହା କହୁଥିଲେ କି ଯଦି ଅଲ୍ଲାଃ ତାଲା ମତେ କ୍ଷମା ନ କରନ୍ତି । ତା ହେଲେ ମୋ ମାତା ଓ ମୁଁ ଧ୍ୱଂସ ହୋଇଯିବୁ (ଆରବୀୟ ଭାଷାରେ ନଷ୍ଟ ହୋଇଯିବା ଅର୍ଥରେ ଏପରି କୁହାଯାଏ) ପୁଣି ହଜରତ ଉମର ର:ଅଙ୍କର ଦେହାନ୍ତ ଘଟିଗଲା ।

***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୨୭୪-୨୭୫..... ବେରୁତ ୧୯୯୦)***

ହଜରତ ସମାକ୍ ହନ୍‌ଫି କୁହନ୍ତି ଯେ, ମୁଁ ଇବ୍‌ନେ ଅବାସ୍‌ଙ୍କୁ ଏକଥା କହୁଥିବାର ଶୁଣିଲି ଯେ ସେ ହଜରତ ଉମର ର:ଅଙ୍କୁ ଏହା କହୁଥିଲେ ଯେ ଅଲ୍ଲାଃ ଆପଣଙ୍କ ଜରିଆରେ ନୂତନ ସହର ସ୍ଥାପନ କଲେ ଓ ଆପଣଙ୍କ ଦ୍ୱାରା ଅନେକ ବିଜୟ ପ୍ରାପ୍ତ ହେଲା ଏବଂ ଆପଣଙ୍କ ଦ୍ୱାରା ହିଁ ଅମୁକ ଅମୁକ କାର୍ଯ୍ୟ ସମ୍ପାଦିତ ହେଲା । ଏଥିରେ ହଜରତ ଉମର ର:ଅ କହିଲେ ମୋର ଅଭିଳାଷ ଅର୍ଥାତ ମନୋବାଞ୍ଛା ଏତିକି ଯେ, ମତେ ଏଭଳି ମୋକ୍ଷ ମିଳିଯାଉ ଯେଉଁଥିରେ ମୋତେ କୌଣସି ପୁରସ୍କାର ନ ମିଳୁ ବା ଦଣ୍ଡ ନ ମିଳୁ ଅର୍ଥାତ ମୋର ଏଥିପ୍ରତି ଗର୍ବ ନାହିଁ ଯେ ମୁଁ ବେଶ୍ ବଡ଼ ବଡ଼ ଓ ମହାନ୍ କାର୍ଯ୍ୟ କରିଛି ଏବଂ ମୋ ଖିଲାଫତ କାଳରେ ବଡ଼ ବଡ଼ ଶକ୍ତିଙ୍କୁ ମୁସଲମାନମାନେ ପରାଜିତ କରିଛନ୍ତି ବରଂ ଅଲ୍ଲାଃଙ୍କ ଭୟ ହିଁ ରହିଥାଉ ଏବଂ ମତେ କେବଳ ପ୍ରଳୟ ଦିବସର ଚିନ୍ତା ଘାରୁଛି ।

ଜୈଦ୍ ବିନ୍ ଅସ୍‌ଲମ୍ ନିଜ ପିତାଙ୍କ ମାଧ୍ୟମରେ ବର୍ଣନା କରନ୍ତି, ଯେତେବେଳେ ହଜରତ ଉମର ର:ଅଙ୍କ ମୃତ୍ୟୁ ସମୟ ପାଖେଇ ଆସିଲା ସେତେବେଳେ ସେ କହିଲେ, କଣ ତୁମେମାନେ ଅମୀର ମୃତୟନ କରିବା ପ୍ରସଙ୍ଗରେ ମୋ ଉପରେ ସନ୍ଦେହ କରୁଛ । ପ୍ରଭୁଙ୍କ ରାଣ ମତେ ଏକଥା ପସନ୍ଦ ଯେ, ମତେ ଏଭଳି ମୋକ୍ଷ ପ୍ରାପ୍ତ ହେଉ ଯଦ୍ୱାରା ନା ମୋତେ କୌଣସି କଷ୍ଟ ମିଳୁ ନା ପୂଣ୍ୟ ଅବା ପ୍ରତିଫଳ ମିଳୁ ।

***(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୨୬୭୯........ ବେରୁତ ୧୯୯୦)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ପରିପ୍ରେକ୍ଷୀରେ ବର୍ଣ୍ଣନା କରନ୍ତି; ହଜରତ ଉମର ର:ଅଙ୍କ ପରି ବ୍ୟକ୍ତିତ୍ୱ ଯେ ନିଜର ସାରା ଜୀବନ ଇସ୍‌ଲାମ୍‌ର ଦୁଃଖ ଓ ତାହାର ଉନ୍ନତୀର ଚିନ୍ତାରେ ବ୍ୟତିତ କରିଦେଲେ ଏବଂ ଯିଏ ପ୍ରତ୍ୟେକ ଅବସରରେ ବଡ଼ ରୁ ବଡ଼ ବଳିଦାନ ଦେଇଥିଲେ ଯଦିଚ ତାହା ହଜରତ ଅବୁବକର ର:ଅଙ୍କ ବଳିଦାନ ପରି ଉଚ୍ଚସ୍ତରୀୟ ନଥିଲା ତଥାପି ତାଙ୍କର ଉଦ୍ଦେଶ୍ୟ ଓ ନିୟତ ସବୁ କିଛି (ଅବୁବକରଙ୍କ ବଳିଦାନ) ସହିତ ବରାବର ଥିଲା । ଯେତେବେଳେ ହଜରତ ଅବୁବକର ର:ଅଙ୍କର ଦେହାନ୍ତ ଘଟିଲା ସେତେବେଳେ ହଜରତ ଉମର ର:ଅଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଚାଲିଥିଲା । ସେ କହିଲେ ପରମେଶ୍ୱର ହଜରତ ଅବୁବକର ର:ଅଙ୍କ ଉପରେ କଲ୍ୟାଣ ପ୍ରଦାନ କରନ୍ତୁ ମୁଁ ଅନେକଥର ଚେଷ୍ଟା କରିଛି ଯେ କିପରି ତାଙ୍କଠାରୁ ପୂଣ୍ୟ କର୍ମରେ ଆଗକୁ ବଢ଼ିଯିବି ବୋଲି କିନ୍ତୁ କଦାପି କୌଣସି ସ୍ଥଳେ ସଫଳ ହୋଇପାରିଲି ନାହିଁ । ଏକଦା ହଜୁର ସ:ଆ:ସ ଆମକୁ ଧର୍ମ ମାର୍ଗରେ ଅର୍ଥ ଦାନ କରିବାକୁ ଆହ୍ୱାନ ଦେଲେ । ଅତଏବ ମୁଁ ନିଜର ଅଧା ସମ୍ପତି ନେଇ ହଜୁର ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇଗଲି ଏବଂ ମନରେ ଆଶାବାନ୍ଧି ବସିଥିଲି ଯେ ଆଜି ମୁଁ ହଜରତ ଅବୁବକର ର:ଅଙ୍କ ଠାରୁ ଆଗକୁ ବଢ଼ିଯିବି କିନ୍ତୁ ହଜରତ ଅବୁବକର ର:ଅ ମୋ ଆଗରୁ ସେଠାରେ ପହଂଚିଯାଇଥିଲେ ଯେହେତୁ ସେ ହଜୁର ସ:ଆ:ସଙ୍କର ସମ୍ପର୍କୀୟ ଥିଲେ । ତେଣୁ ହଜୁର ସ:ଆ:ସଙ୍କୁ ଜ୍ଞାତ ଥିଲା ଯେ ଅବୁବକର ର:ଅ ଘରେ କିଛି ଛାଡ଼ି ଆସିନଥିବେ ତଥାପି ହଜୁର ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ପଚାରିଲେ ଘରେ କ'ଣ ଛାଡ଼ି ଆସିଛ ? ସେ ଉତର ଦେଲେ ଘରେ ପ୍ରଭୁ ଓ ରସୁଲ୍‌ଙ୍କ ନାମ ଛାଡ଼ି ଆସିଛି । ଏହା କହି ହଜରତ ଉମର ର:ଅ ରୋଦନ କରି କହିଲେ, ସେତେବେଳେ ମଧ୍ୟ ମୁଁ ହଜରତ ଅବୁବକର ର:ଅଙ୍କଠାରୁ ଆଗକୁ ବଢ଼ିପାରିନଥିଲି ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି; ତେବେ ଏପରି ଥିଲା ହଜରତ ଅବୁବକର ର:ଅଙ୍କ ବଳିଦାନର ଉଚ୍ଚତମ ସ୍ତର । ସେ ପୂର୍ବରୁ ମଧ୍ୟ ଏହିପରି ଧର୍ମ ମାର୍ଗରେ ଦାନ କରି ଆସୁଥିଲେ କିନ୍ତୁ ବିଶେଷ ପରିସ୍ଥିତିରେ ସେ ଘରର ସବୁକିଛି ଆଣି ହଜୁର ସ:ଆ:ସଙ୍କ ଚରଣରେ ରଖିଦେଉଥିଲେ । ହଜୁର ସ:ଆ:ସଙ୍କ ସମୀପରେ ଉପସ୍ଥାପନ କରିଦେଉଥିଲେ । ଗୋଟିଏ ପାର୍ଶ୍ୱରେ ଏପରି ଲୋକ ଥିଲେ ଏବଂ ଅନ୍ୟ ପାର୍ଶ୍ୱରେ ଏମିତି ଲୋକେ ଅଛନ୍ତି ଯାହାଙ୍କୁ ନିଜ ସମ୍ପତିର ଏକ ଦଶମାଂସ ମଧ୍ୟ ବଳିଦାନ କରିବାର ଅବସର ମିଳୁନାହିଁ ତଥାପି ସେମାନେ କହୁଛନ୍ତି ଯେ, ଆମେ ତ ଲୁଣ୍ଠିତ ହୋଇଗଲୁ ଆମର ହସ୍ତଶୂନ୍ୟ ହୋଇଗଲା । ହଜରତ ଉମର ର:ଅଙ୍କ ଦେହାନ୍ତର ସମୟ ନିକଟତର ହେଉଥିବା ସମୟରେ ତାଙ୍କର ଚକ୍ଷୁ ବାରମ୍ବାର ଲୋତକ ପୂର୍ଣ୍ଣ ହୋଇଯାଉଥିଲା ଏବଂ ସେ ଏକଥା ଆପଣ କହୁଥିଲେ ହେ ପ୍ରଭୁ ! ମୁଁ ତୁମଠାରୁ କୌଣସି ପୁରସ୍କାରର ଅଭିଳାଷୀ ନୁହେଁ ମୁଁ ତ କେବଳ ଏତିକି ଚାହୁଁଛି ଯେ

ତୁମ ଶାସ୍ତିରୁ କିପରି ବର୍ତି ଯାଏ"। *(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୦, ପୃ-୨୪)*

ପୁଣି ହଜରତ ଉମର ର:ଅଙ୍କୁ କବର ଦେବା ଓ ତାଙ୍କର ନମାଜ ଯନାଜାଃ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ତାଙ୍କ ପୁତ୍ର ହଜରତ ଅବ୍‌ଦୁଲ୍ଲାଃ ତାଙ୍କୁ ଗାଧୋଇ ଦେଲେ। ହଜରତ ଇବ୍‌ନେ ଉମର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମସ୍‌ଜିଦ୍ ନବୱିଠାରେ ହଜରତ ଉମର ର:ଅଙ୍କର ନମାଜ ଯନାଜାଃ ପାଠ କରାଯାଇଥଲା ଏବଂ ହଜରତ ଉମର ର:ଅଙ୍କ ଯନାଜାଃ ହଜରତ ସୋହେବ୍ ର:ଅ ପାଠ କରାଇଥିଲେ ହଜରତ ଉମର ର:ଅଙ୍କ ନମାଜ ଯନାଜାଃ ରସୁଲୁଲ୍ଲାଃ ସ:ଆ:ସଙ୍କ ମେମ୍ବର ଏବଂ କବରର ମଧ୍ୟବର୍ତୀ ସ୍ଥାନରେ ପାଠ କରାଯାଇଥିଲା। ହଜରତ ଜାବିର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜରତ ଉମର ର:ଅଙ୍କୁ କବର ଭିତରକୁ ଓହ୍ଲାଇବା ପାଇଁ ହଜରତ ଉସ୍‌ମାନ୍ ର:ଅ. ହଜରତ ସଇଦ୍ ବିନ୍ ଜୈଦ୍ ର:ଅ, ହଜରତ ସୋହେବ୍ ର:ଅ ଏବଂ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ଭାଗ ନେଇଥିଲେ।

*(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୨୭୯-୨୮୧...... ବେରୁତ ୧୯୯୦)*

*(ଉସଦୁଲ୍ ଗାବାଃ...... ଖଣ୍ଡ-୪, ପୃ-୧୬୬..... ଲେବ୍‌ନାନ୍ ୨୦୦୩)*

ଏମାନଙ୍କ ବ୍ୟତୀତ ହଜରତ ଅଲୀ ର:ଅ, ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ହଜରତ ସାଆଦ୍ ବିନ୍ ଅବି ୱକାସ ର:ଅ ଓ ହଜରତ ତଲ୍‌ହା ର:ଅ ଏବଂ ହଜରତ ଜୁବୈର୍ ବିନ୍ ସମେତ ଅନ୍ୟ ବିଶିଷ୍ଟ ତଥା ମାନ୍ୟଗଣ୍ୟ ସାହାବାଗଣ ସାମିଲ ଥିଲେ ଯେଉଁମାନେ ହଜରତ ଉମର୍ ର:ଅଙ୍କ କବର ମଧ୍ୟକୁ ଓହ୍ଲାଇ ଥିଲେ। *(ସୟଦନା ହଜରତ ଉମର୍ ଫାରୁକ୍ ଆଜମ୍..... ମୁତରଜିମ୍, ପୃ-୮୬୭-୮୬୮.... କୁତୁବ୍ ଖାନା ଲାହୋର୍)*

ହଜରତ ମସିହ ମଉଦ ଆ:ସ ପୂଣ୍ୟ ଆତ୍ମା ସନ୍ଥମାନଙ୍କ ପ୍ରସଙ୍ଗରେ କୁହନ୍ତି; ପୂଣ୍ୟ ଆତ୍ମା ଓ ସନ୍ଥମାନଙ୍କ ସମୀପରେ କବର ପାଇବା ମଧ୍ୟ ଏକ ବିଶେଷ ପୁରସ୍କାର। ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରସଙ୍ଗରେ ଲେଖା ଅଛି ଯେ, ମୃତ୍ୟୁ ସଜ୍ଜାରେ ପଡ଼ିଥିବା ସମୟରେ ସେ ହଜରତ ଆଇଶା ର:ଅଙ୍କ ନିକଟକୁ ସନ୍ଦେଶ ପ୍ରେରଣ କଲେ ଯେ, ହଜୁର ସ:ଆ:ସଙ୍କ ସମୀପରେ ମତେ ସମାଧି ଦେବାର ଅନୁମତି ପ୍ରଦାନ କରାଯାଉ। ହଜରତ ଆଇଶା ର:ଅ ଯେତେବେଳେ ଅନୁମତି ପ୍ରଦାନ କଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ **ମା ବକିୟା ଲି ହମ୍ମୁନ୍ ବାଦା ଜାଲିକା** ଅର୍ଥାତ ଏଥିଅନ୍ତେ ମୋର ଆଉ କିଛି ଦୁଃଖ ନାହିଁ, କୌଣସି ଅଭିଳାଷ ନାହିଁ ମୋର ଯେ ଏବେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମାଧିସ୍ଥଳରେ କବର ପାଉଅଛି"। *(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୨୮୬)*

ଆଉ ଏକ ସ୍ଥାନରେ ହଜରତ ମସିହ୍ ମଉଦ ଆ:ସ କହିଛନ୍ତି:- ଯେଉଁ ବ୍ୟକ୍ତି ପୂର୍ଣ୍ଣ ଆଗ୍ରହ ସହକାରେ ଅଲ୍ଲାଃଙ୍କ ସହିତ ସଂଶ୍ଳିଷ୍ଟ ହୋଇଯାଏ ତେବେ ସେହି ଐଶ୍ୱର୍ଯ୍ୟମୟ ପ୍ରଭୁ ତାହାକୁ ନଷ୍ଟ ହେବାକୁ ଦେଇନଥାନ୍ତି। ହଜରତ ଅବୁବକର ର:ଅ ଓ ହଜରତ ଉମର ର:ଅଙ୍କ ନିଷ୍ଠାପରତାର କିଭଳି ଉଚ୍ଚତମ ସ୍ତର ରହିଥିଲା ଯେ, ସେ ଦୁଇଜଣ ଏଭଳି ସ୍ଥାନରେ ସମାଧି ପାଇଲେ କି ଯଦି ହଜରତ ମୁସା ଓ ହଜରତ ଇଶା ଜୀବିତ ଥାଆନ୍ତେ ତେବେ ସେମାନେ ମଧ୍ୟ ସେହି ସ୍ଥାନରେ ସମାଧି ପାଇବା ପାଇଁ ପ୍ରବଳ ଉତ୍କଣ୍ଠାଭାବ ପ୍ରକାଶ କରିଥାନ୍ତେ। କିନ୍ତୁ ଏହି ଉଚ୍ଚ ଆସନ ତ' କେବଳ ଆଶା କଲେ ମିଳିଯାଇନଥାଏ ନା କାମାନ କଲେ ମିଳିଥାଏ। ବରଂ ଏହା ତ' ପ୍ରଭୁଙ୍କ ବିଶେଷ ଦୟା ବଳରେ ମିଳିଥାଏ। *(ସିର୍‌ରୁଲ୍ ଖିଲାଫାଃ, ରୁହାନି ଖଜାଇନ୍, ଖଣ୍ଡ-୮, ପୃ-୩୪୬..... ଉର୍ଦ୍ଦୁ ଅନୁବାଦ ପୃ-୭୮)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କୁହନ୍ତି ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଶେଷ ସମୟ ପାଖେଇ ଆସିଲା ସେତେବେଳେ ସେ ପ୍ରବଳ ଉତ୍କଣ୍ଠା ପ୍ରକାଶ କରିଥିଲେ, କିପରି ମତେ ହଜୁର ସ:ଆ:ସଙ୍କ ପାଦପଦ୍ମ ତଳେ ସ୍ଥାନ ମିଳିଯାଆନ୍ତା। ଫଳତଃ ସେ ଏହି ଅନୁମତି ହାସଲ କରିବାପାଇଁ ହଜରତ ଆଇଶାଙ୍କ ନିକଟକୁ ସନ୍ଦେଶ ପ୍ରେରଣ କରିଥିଲେ ଏବଂ ନିଜ ବ୍ୟଗ୍ରତାର ପରିପ୍ରକାଶ କରିଥିଲେ ଯେ, ମୋତେ ହଜୁର ସ:ଆ:ସଙ୍କ ପାଦପଦ୍ମ ତଳେ ସ୍ଥାନ ମିଳିଯାଉ। ହଜ୍‌ରତ୍ ଉମର୍ ର:ଅଙ୍କର ଏଭଳି ବ୍ୟକ୍ତିତ୍ୱ ଥିଲା ଯାହାଙ୍କ ପ୍ରସଙ୍ଗରେ ଖ୍ରୀଷ୍ଟଧର୍ମୀ ଐତିହାସିକମାନେ ମଧ୍ୟ ଲେଖିଛନ୍ତି ଯେ ସେ ଏଭଳି ଶାସନ କରିଥିଲେ ଯାହାକି ସଂସାରରେ ଅନ୍ୟ କେହି କରିନାହାନ୍ତି। ଖ୍ରୀଷ୍ଟଧର୍ମୀ ଐତିହାସିକ ଗଣ ହଜୁର ସ:ଆ:ସଙ୍କୁ ଗାଳିଗୁଲଜ କରିଥାନ୍ତି କିନ୍ତୁ ଦେଖ! ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କର ପ୍ରଶଂସା କରିଛନ୍ତି। ଏଭଳି ବ୍ୟକ୍ତି ଯିଏ ପ୍ରତିମୂହୂର୍ତରେ ହଜୁର ସ:ଆ:ସଙ୍କ ସଙ୍ଗତରେ ରହୁଥିଲେ ଓ ରହିବା ପାଇଁ ସର୍ବଦା ଇଚ୍ଛୁକ ଥିଲେ, ସେ ନିଜର ମୃତ୍ୟୁ ସମୟରେ ମଧ୍ୟ ସେହି ଅଭିଳାଷର ପରିପ୍ରକାଶ କରିଛନ୍ତି ଯେ କାଳେ ମୋତେ ହଜୁର ସ:ଆ:ସଙ୍କ ପାଦ ପଦ୍ମ ତଳେ ସ୍ଥାନ ମିଳିଯାଆନ୍ତା କି! ଯଦି ହଜୁର ସ:ଆ:ସଙ୍କ କୌଣସି କାର୍ଯ୍ୟରୁ ଏକଥା ପ୍ରକାଶ ହୋଇଥାନ୍ତା ଯେ ମହାଭାଗ ସ:ଆ:ସ ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ କାମ କରି ନାହାନ୍ତି ତେବେ କଣ ହଜ୍‌ରତ୍ ଉମର୍ ର:ଅଙ୍କ ପରି ବ୍ୟକ୍ତି ଯିଏ କି ଏଭଳି ଉଚ୍ଚ ଆସନରେ ବିରାଜିତ ଥିଲେ, କ'ଣ ସେ ଏମିତି ବ୍ୟଗ୍ରତା ପରିପ୍ରକାଶ କରିଥାନ୍ତେ ଯେ, ମୋତେ ହଜୁର ସ:ଆ:ସଙ୍କ ପାଦ ପଦ୍ମତଳେ ସମାଧି ମିଳୁ" *(ଦୁନ୍‌ୟା କା ମୁହ୍‌ସିନ୍, ଅନୱାରୁଲ୍ ଉଲୁମ୍, ଖଣ୍ଡ-୧୦, ପୃ-୨୬୨)*

ଏହା ହଜୁର ସ:ଆ:ସଙ୍କ ସ୍ଥାନ ଓ ପଦମର୍ଯ୍ୟାଦା ଥିଲା ଓ ମହାଭାଗ ସ:ଆ:ସ ଏପରି ଉଚ୍ଚ ଆସନରେ ଅଧିଷ୍ଠିତ ଥିଲେ ଯେ ଯାହାକୁ ଦେଖି ହଜରତ ଉମର୍ ର:ଅ ଏପରି ଅଭିଳାଷ ପରିପ୍ରକାଶ କରିଥିଲେ, ଏହି ମନବାଞ୍ଛା ପ୍ରକାଶ କରିଥିଲେ ଓ ଅନୁମତି ଲୋଡ଼ିଥିଲେ ଯେ ମତେ ହଜୁର ସ:ଆ:ସଙ୍କ ନିକଟରେ ସମାଧି ମିଳୁ।

ହଜରତ ଉମର ର:ଅଙ୍କ ଦେହାନ୍ତ ସମୟରେ ତାଙ୍କର ବୟସ କ'ଣ ଥିଲା? ଏ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ରହିଛି। ଜନ୍ମ ସମୟ ସମ୍ବନ୍ଧରେ ବି ଭିନ୍ନ ଭିନ୍ନ ମତ ରହିଛି। ଅତଏବ ବିଭିନ୍ନ ଇତିହାସ ପୁସ୍ତକଗୁଡ଼ିକରେ, ଭିନ୍ନ ଭିନ୍ନ ବୟସ ଉଲ୍ଲେଖ ରହିଛି। ଯଥା ତେପନ, ପଂଚାବନ, ସତାବନ, ଅଣଷଠି, ତେଷଠି ଏବଂ ପଂଚଷଠି ବର୍ଷ ବୟସ ହୋଇଥିଲା ବୋଲି ଉଲ୍ଲେଖ ଅଛି। *(ତାରିଖେ ତିବ୍‌ରି..... ଖଣ୍ଡ-୩, ପୃ-୨୧୧..... କରାଚି ୨୦୦୩) (ଉସଦୁଲ୍ ଗାବାଃ........ ଖଣ୍ଡ-୪, ପୃ-୧୬୬.......... ବେରୁତ) (ଅଲ୍‌ବିଦାୟା....... ପୃ-୧୯୨-୧୯୪....... ୧୯୯୮) (ରିୟାଜୁନ୍ ନଜ୍‌ରାଃ ପୃ-୪୧୮-୪୧୯....ବେରୁତ) (ତାରିଖୁଲ୍ ଖୋଲପାଆ......ପୃ-୧୬୮....ଲାହୋର)*

ସହି ମୁସ୍‌ଲିମ୍ ଓ ତିର୍‌ମିଜର ବର୍ଣ୍ଣନା ଅନୁଯାୟୀ ହଜରତ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରନ୍ତି ହଜୁର ସ:ଆ:ସଙ୍କ ଦେହାନ୍ତ ସମୟରେ ହଜୁର ସ:ଆ:ସଙ୍କ ବୟସ ୬୩ ବର୍ଷ ଥିଲା ଓ ହଜ୍‌ରତ୍ ଉମର୍ ର:ଅଙ୍କର ୬୩ ବର୍ଷ ବୟସରେ ଦେହାନ୍ତ ହୋଇଥିଲା ଏବଂ ହଜରତ ଅବୁବକର ର:ଅଙ୍କ ଦେହାନ୍ତ ସମୟରେ ତାଙ୍କୁ ମଧ୍ୟ ୬୩ ବର୍ଷ ହୋଇଥିଲା।

*(ସହି ମୁସ୍‌ଲିମ୍.... ହଦିସ୍-୬୦୯୧) (ସୁନନେ ତିର୍‌ମିଜି.... ହଦିସ୍- ୩୬୮୫)*

ଏଥିରେ ଅନେକ ଭିନ୍ନ ମତ ରହିଛି ଆଉ କେତେକଙ୍କ ବର୍ଣ୍ଣନାନୁଯାୟୀ ହଜୁର ସ:ଆ:ସଙ୍କ ଦେହାନ୍ତ ସମୟରେ ହଜ୍‌ରତ୍ ଉମର୍ ର:ଅଙ୍କୁ ୫୩ ବର୍ଷ ବୟସରୁ ୬୫ ବର୍ଷ ବୟସ ହୋଇଥିବାର ଉଲ୍ଲେଖ ରହିଛି।

ହଜ୍‌ରତ୍ ଉମର୍ ର:ଅଙ୍କ ଦେହାନ୍ତରେ କେତେକ ସାହାବା ଏହି ମତ ପ୍ରକାଶ କରିଛନ୍ତି ଯେ, ହଜରତ ଇବ୍‌ନେ ଅବାସ୍ ର:ଅ କୁହନ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ପବିତ୍ର ମରଶରୀର ସମୀପରେ ହଜରତ ଅଲୀ ଛିଡ଼ା ହୋଇ କହିଲେ ଆପଣ ଏପରି କୌଣସି ବ୍ୟକ୍ତି ସଂସାରରେ ଛାଡ଼ି ଯାଇନାହିଁ ଯିଏ ଆପଣଙ୍କଠାରୁ ମତେ ଅଧିକ ପ୍ରୀୟ ହୋଇଥିବ ଓ ଯାହାର ଆଚାର ବ୍ୟବହାର ମୁଁ ଅନୁକରଣ କରିବି। ପ୍ରଭୁଙ୍କ ରାଣ ମତେ ଏହି ଚଦରରେ ଆବୃତ ହୋଇଥିବା ବ୍ୟକ୍ତିଙ୍କଠାରୁ ଭୁପୃଷ୍ଠରେ ଅନ୍ୟ କୌଣସି ବ୍ୟକ୍ତି ପସନ୍ଦ ନୁହେଁ। ସେ କୁହନ୍ତି ମୁଁ ହଜୁର ସ:ଆ:ସଙ୍କୁ ଅନେକ ଥର ଏକଥା କହୁଥିବାର ଶୁଣିଛି ଯେ ହଜୁର ସ:ଆ:ସ କହୁଥିଲେ **ଜହବ୍‌ତୁ ଅନା ୱ ଅବୁବକରିନ୍ ୱ ଉମରୁ ୱ ଦଖଲ୍‌ତୁ ଅନା ୱ ଅବୁବକରିନ୍ ୱ ଉମରୁ ୱ ଖର୍‌ଜତୁ ଅନାୱ ଅବୁବକରିନ୍ ୱ ଉମରୁ** ଅର୍ଥାତ:- ଅବୁବକର ଓ ଉମର ଏବଂ ମୁଁ ଗୋଟିଏ କୋଠରୀରେ ପ୍ରବେଶ କଲୁ ଏବଂ ମୁଁ, ଅବୁବୁକର ଓ ଉମର ସେଠାରୁ ବାହାରିଗଲୁ। *(ସହି ବୁଖାରୀ..... ହଦିସ୍- ୩୬୮୫)* ଏପରି ହଜୂର ସ:ଆ:ସ ତାଙ୍କ ପ୍ରସଙ୍ଗରେ ଅନେକ କଥା କହିଛନ୍ତି।

ଅବୁ ମୁଖଲଦ୍ ବର୍ଣ୍ଣନା କରନ୍ତି ଯେ, ହଜରତ ଅଲୀ ବିନ୍ ଅବୁ ତାଲିବ୍ କୁହନ୍ତି ହଜୁର ସ:ଆ:ସଙ୍କର ଦେହାନ୍ତ ଘଟିନଥିଲା ଯେ ଆମେମାନେ ଜାଣିନେଲୁ ଯେ ହଜୁର ସ:ଆ:ସଙ୍କ ପରେ ହଜରତ ଅବୁବକର ର:ଅ ସମସ୍ତଙ୍କଠାରୁ ଉତମ ମଣିଷ ଏବଂ ହଜରତ ଅବୁବକର ର:ଅଙ୍କ ନିଧନ ହୋଇନଥିଲା ଯେ ଆମେମାନେ ଜାଣିନେଲୁ ଯେ ଆମମାନଙ୍କ ମଧ୍ୟରେ ହଜ୍‌ରତ୍ ଉମର୍ ର:ଅ ହେଉଛନ୍ତି ସର୍ବୋତମ ବ୍ୟକ୍ତି।

*(ସିରତ୍ ଉମର୍ ବିନ୍ ଖତାବ୍.... ପୃ-୨୧୨.... ମିସର୍)*

ଜୈଦ୍ ବିନ୍ ୱହବ୍ ବର୍ଣ୍ଣନା କରନ୍ତି ଯେ, ଆମେ ଅବ୍‌ଦୁଲ୍ଲାଃ ବିନ୍ ମସୁଉଦ୍‌ଙ୍କ ନିକଟକୁ ଗଲୁ ଆପଣ ହଜ୍‌ରତ୍ ଉମର୍ ର:ଅଙ୍କ ଗୁଣ ଗାରିମା ଚର୍ଚ୍ଚା କରି ଏଭଳି ରୋଦନ କଲେ ଯେ, ଆପଣଙ୍କ ଅଶ୍ରୁ ଦ୍ୱାରା ମାଟି ଭିଜିଗଲା। ଆପଣ କହିଲେ, ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍‌ର କିଲ୍ଲା ଥିଲେ। ଲୋକମାନେ ସେଥିରେ ପ୍ରବେଶ କରୁଥିଲେ କିନ୍ତୁ ବାହାରୁନଥିଲେ। ଗୋଟିଏ ସୁଦୃଢ଼ ଦୁର୍ଗ ପରି ଥିଲେ, ଯେତେବେଳେ ଆପଣଙ୍କ ଦେହାନ୍ତ ହେଲା ସେତେବେଳେ ସେହି ଦୁର୍ଗରେ ଫାଟ ସୃଷ୍ଟି ହୋଇଗଲା ଏବଂ ଲୋକମାନେ ଇସ୍‌ଲାମ୍‌ରୁ ବାହାରି ଯାଇଛନ୍ତି।

*(ତବକାତୁଲ୍ କୁବ୍‌ରା......ଖଣ୍ଡ-୩, ପୃ-୨୮୩...... ଲେବ୍‌ନାନ୍ ୧୯୯୦)*

ଅବୁ ୱାଇଲ୍ ବର୍ଣ୍ଣନା କରନ୍ତି ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ କୁହନ୍ତି ଯେ ଯଦି ହଜରତ ଉମର ର:ଅଙ୍କ ଜ୍ଞାନ ଓ ବୁଦ୍ଧିମତାକୁ ନୀକିତର ଗୋଟିଏ ପଲାରେ ରଖାଯାଏ ଏବଂ ବାକି ସମସ୍ତ ମାନବଜାତିର ବୁଦ୍ଧିଜ୍ଞାନକୁ ନୀକିତର ଅନ୍ୟ ପଲାରେ ରଖାଯାଏ ତେବେ ହଜ୍‌ରତ୍ ଉମର୍ ର:ଅଙ୍କ ପଲା ଓଜନିଆ ହେବ। ଅବୁ ୱାଇଲ୍ ଆହୁରି କୁହନ୍ତି ଏହି କଥା ମୁଁ ଇବ୍ରାହିମ୍‌ଙ୍କ ନିକଟରେ ଏକଥା କହିଲି ସେ କହିଲେ, ପ୍ରଭୁଙ୍କ ରାଣ! ଏହା ସମ୍ପୁର୍ଣ୍ଣ ସତ୍ୟ। ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ କୁହନ୍ତି ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କର ଦେହାନ୍ତ ଘଟିଲା ସେତେବେଳେ ଜ୍ଞାନର ଦଶଭାଗରୁ ନଅଭାଗ ବିଲୟ ଘଟିଲା।

*(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୬୫୧.......... ବେରୁତ୍ ୨୦୦୩)*

ଅନସ୍ ବିନ୍ ମାଲିକ କହିଲେ, ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଶହାଦତ୍ ହେଲା ହଜରତ ଅବୁ ତଲ୍‌ହା କହିଲେ: ଆରବରେ ଏଭଳି କୌଣସି ସହରୀ ଅବା ଗାଉଁଲି ଘର ବା ପରିବାର ଏପରି ନାହାନ୍ତି ଯାହାଙ୍କ ଘରକୁ ଉମରଙ୍କ ଶହାଦତ୍ ଫଳରେ କ୍ଷତି ନ ପହଂଚିଥିବ। *(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୨୮୫........... ଲେବ୍‌ନାନ୍ ୧୯୯୦)* ଅର୍ଥାତ ହଜ୍‌ରତ୍ ଉମର୍ ର:ଅ ପ୍ରତ୍ୟେକ ଲୋକମାନଙ୍କର ସାହାଯ୍ୟ ସହଯୋଗ ଓ ଭରଣ ପୋଷଣ କରୁଥିଲେ।

ହଜରତ ଅବ୍‌ଦୁଲ୍ଲାଃ ବିନ୍ ସଲାମ୍ ହଜ୍‌ରତ୍ ଉମର୍ ର:ଅଙ୍କ ଖଟିଆ ନିକଟରେ ଛିଡ଼ା ହୋଇ କହିଲେ ହେ ଉମର୍! ଆପଣ କେଡ଼େ ଉତମ ଇସ୍‌ଲାମୀୟ ଭାଇ ଥିଲେ ଏବଂ ଆପଣ ସତ୍ୟ ପ୍ରତିଷ୍ଠା ପାଇଁ ଯେଭଳି କଠୋର ଥିଲେ ସେହିଭଳି ଅସତ୍ୟ ବିପକ୍ଷରେ ଅତି କ୍ରୁପଣ ଥିଲେ । ଖୁସି ଓ ପ୍ରସନ୍ନତା ସମୟରେ ଆପଣ ପ୍ରସନ୍ନିତ ରହୁଥିଲେ ଏବଂ କ୍ରୋଧ ଅବସରରେ କ୍ରୋଧିତ ହେଉଥିଲେ । ଅତି ପୂଣ୍ୟମ୍ରା ପବିତ୍ର ସ୍ୱଭାବର ବ୍ୟକ୍ତି ଥିଲେ ଏବଂ ଅଯଥା ପ୍ରଶଂସା କରୁନଥିଲେ । କଦାପି କାହାର ଚୁଗୁଲି କରୁନଥିଲେ ।
***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୨୮୨...... ଲେବ୍‌ନାନ୍ ୧୯୯୦)***

ଆଉ ଏକ ରିୱାୟତରେ ଆସିଛି ଯେ ଯେତେବେଳେ ହଜରତ ଉମରଙ୍କ ଦେହାନ୍ତ ଘଟିଲା ସେତେବେଳେ ହଜରତ ସଇଦ୍ ବିନ୍ ଜୈଦ୍ ରୋଦନ କରିବାରୁ କେହି ଜଣେ କହିଲେ ହେ ଅବୁଲ୍ ଆୱ୍‌ର୍ ଆପଣ କାହିଁକି ଏଭଳି ରୋଦନ କରୁଛନ୍ତି ? ସେ ଉତର ଦେଲେ ମୁଁ ଇସ୍‌ଲାମ୍ ପାଇଁ ରୋଦନ କରୁଛି ନିଶ୍ଚିତ ରୂପେ ହଜ୍‌ରତ୍ ଉମର୍ ର:ଅଙ୍କ ଦେହାନ୍ତ ଫଳରେ ଏଭଳି ଶୂନ୍ୟସ୍ଥାନ ସୃଷ୍ଟି ହୋଇଯାଇଛି ଯାହାକି ପ୍ରଳୟ ଦିବସ ପର୍ଯ୍ୟନ୍ତ ମଧ୍ୟ ପୂରଣ ହେବନାହିଁ ।
***(ତବକାତୁଲ୍ କୁବ୍‌ରା.....ଖଣ୍ଡ-୩, ପୃ-୨୮୪..... ଲେବ୍‌ନାନ୍ ୧୯୯୦)***

ହଜରତ ଇବ୍‌ନେ ଉମର ର:ଅ କୁହନ୍ତି ହଜୁର ସ:ଆ:ସଙ୍କ ଜୀବନକାଳରେ ଆମେ ଏକଥା କହୁଥିଲୁ ଯେ ହଜୁର ସ:ଆ:ସଙ୍କ ଅନ୍ତେ ଏହି ଉମ୍ମତର ସର୍ବୋତମ ବ୍ୟକ୍ତି ହଜରତ ଅବୁବକର ର:ଅ ଅଟନ୍ତି ଏବଂ ତାଙ୍କ ପରେ ହଜ୍‌ରତ୍ ଉମର୍ ର:ଅ ଓ ତାଙ୍କ ପରେ ହଜରତ ଉସ୍‌ମାନ୍ ର:ଅ ହେଉଛନ୍ତି ସର୍ବୋତମ ବ୍ୟକ୍ତି । ***(ସୁନନେ ଅବି ଦାଉଦ୍..... ହଦିସ୍-୪୬୨୮)***

ହଜରତ ହୁଜୈଫା ର:ଅ କୁହନ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ଇସ୍‌ଲାମ୍‌ର ଅବସ୍ଥା ସେହି ବ୍ୟକ୍ତି ପରି ଥିଲା ଯେ, କ୍ରମାଗତ ଭାବରେ ଉନ୍ନତି ପଥରେ ଅଗ୍ରସର ରହିଥାଏ ଯେତେବେଳେ ତାଙ୍କର ଦେହାନ୍ତ ହୋଇଗଲା ସେତେବେଳେ ସେହି (ଉନ୍ନତିର) ଯୁଗ ଲେଉଟିଗଲା ଓ ଅନବରତ ପଛକୁ ପଛ ଘୁଂଚି ଚାଲିଲା । ***(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୨୮୫.......... ଲେବ୍‌ନାନ୍ ୧୯୯୦)***

ହଜରତ ଉମର ର:ଅ ବିଭିନ୍ନ ସମୟରେ ମୋଟ ଦଶଗୋଟି ବିବାହ କରିଥିଲେ ଯାହାଙ୍କଠୁ ଆପଣଙ୍କର ନଅଗୋଟି ପୁତ୍ର ଓ ଚାରିଗୋଟି କନ୍ୟା ସନ୍ତାନ ପ୍ରାପ୍ତ ହୋଇଥିଲା । ସେମାନଙ୍କ ମଧ୍ୟରୁ ଜଣେ ହଜରତ ହଫ୍‌ଶା ର:ଅ ଥିଲେ ଯିଏ ହଜୁର ସ:ଆ:ସଙ୍କ ପବିତ୍ର ଧର୍ମପତ୍ନୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ପତ୍ନୀମାନଙ୍କ ମଧ୍ୟରେ ପ୍ରଥମ ହଜରତ୍ ଜୈନବ୍ ବିନ୍‌ତେ ମଜ୍‌ଉନ୍ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରଥମ ପତ୍ନୀ ଥିଲେ । ସେ ହଜରତ ଉସ୍‌ମାନ୍ ବିନ୍ ମଜ୍‌ଉନ୍‌ଙ୍କର ଭଗିନୀ ଥିଲେ । ତାଙ୍କଠାରୁ ହଜ୍‌ରତ୍ ଉମର୍ ର:ଅଙ୍କୁ ତିନିଜଣ ସନ୍ତାନ ପ୍ରାପ୍ତି ହୋଇଥିଲା । ଯଥାକ୍ରମେ, ଅବ୍‌ଦୁଲ୍ଲାଃ, ଅବ୍‌ଦୁର୍ ରହ୍‌ମାନ ଅକ୍‌ବର୍ ଓ ହଜରତ ହଫ୍‌ଶା ର:ଅ । ହଜରତ ଉମ୍ମେ କୁଲ୍‌ସୁମ୍ ବିନ୍‌ତେ ଅଲୀ ବିନ୍ ଅବୁ ତାଲିବ୍‌ଙ୍କ ଔରଷରୁ ଆପଣଙ୍କୁ ଜୈଦ ଅକ୍‌ବର୍ ଓ ରୁକୈୟା ପ୍ରାପ୍ତ ହୋଇଥିଲେ । ମୁଲୈକା ବିନ୍‌ତେ ହର୍‌ୱଲ୍‌ଙ୍କୁ ଉମ୍ମେ କୁଲ୍‌ସୁମ୍ ମଧ୍ୟ କୁହାଯାଏ ତାଙ୍କଠାରୁ ଆପଣଙ୍କୁ ଜୈଦ୍ ଅସ୍‌ଗର୍ ଓ ଉବୈଦୁଲ୍ଲାଃ ପ୍ରାପ୍ତ ହୋଇଥିଲେ । କୁରୈବା ବିନ୍‌ତେ ଅବୁ ଉମୈୟା ମଖ୍‌ଜୁମି । ଯେହେତୁ ମୁଲୈକା ଏବଂ କୁରୈବାଃ ଇମାନ୍ ଅର୍ଥାତ ବିଶ୍ୱାସ ଆଣିନଥିଲେ ତେଣୁ ସେ ଦୁହିଁଙ୍କୁ ହଜ୍‌ରତ୍ ଉମର୍ ର:ଅ ଛଅ ହିଜ୍‌ରୀରେ ତଲାକ ଦେଇଦେଇଥିଲେ । ହଜରତ ଜମିଲା ବିନ୍‌ତେ ସାବିତ୍ ଯାହାଙ୍କ ଅନ୍ୟ ନାମ ଆସିୟା ଥିଲା । ହଜୁର ସ:ଆ:ସ ତାଙ୍କ ନାମକୁ ପରିବର୍ତନ କରି ଜମିଲା ରଖିଦେଇଥିଲେ । ସେ ବଦ୍‌ରୀ ସାହାବି ଆସିମ୍ ବିନ୍ ସାବିତ୍‌ଙ୍କର ଭଗିନୀ ଥିଲେ ତାଙ୍କ ଔରଷରୁ ହଜ୍‌ରତ୍ ଉମର୍ ର:ଅଙ୍କୁ ଆସିମ୍ ପ୍ରାପ୍ତ ହୋଇଥିଲେ । ଲୌହିୟାଙ୍କ ଔରଷରୁ ହଜ୍‌ରତ୍ ଉମର୍ ର:ଅଙ୍କୁ ଅବ୍‌ଦୁର୍ ରହ୍‌ମାନ୍ ଅଓସତ୍ ପ୍ରାପ୍ତ ହୋଇଥିଲେ । କୁହାଯାଏ ଯେ, ଆପଣଙ୍କର ଆଉ ଜଣେ ପତ୍ନୀ ଉମ୍ମେ ୱଲଦ୍ ଥିଲେ ଅର୍ଥାତ ଏପରି ଦାସି ଯାହାଙ୍କ ସହିତ ବିବାହ କରାଯାଇଥାଏ । ସେ ତାଙ୍କ ସହ ବିବାହ କରିଥିଲେ ଓ ଯଦି ତାଙ୍କ ଔରଷରୁ ସନ୍ତାନ ଜନ୍ମ ନିଏ, ତା'ହେଲେ ସେହି ଦାସି ପୁଣି ସ୍ୱାଧିନ ହୋଇଥାଏ । ପୁଣି ଆଉ ଜଣେ ଉମ୍ମେ ୱଲଦ୍ ଥିଲେ ଯାହାଙ୍କ ଔରଷରୁ ହଜରତ ଉମର୍ ର:ଅଙ୍କୁ ଅବ୍‌ଦୁର୍ ରହ୍‌ମାନ୍ ଅସ୍‌ଗର୍ ପ୍ରାପ୍ତ ହୋଇଥିଲେ । ହଜରତ ଉମ୍ମେ ହକିମ୍ ବିନ୍‌ତେ ହାରିସ୍‌ଙ୍କଠାରୁ ଆପଣଙ୍କୁ ଫାତିମା ଲାଭ ହୋଇଥିଲେ । ଫୁକୈହାଙ୍କଠାରୁ ଆପଣଙ୍କର ସନ୍ତାନ ଜୈନବ୍ ଜନ୍ମଲାଭ କରିଥିଲେ । ହଜରତ ଆତିକା ବିନ୍‌ତେ ଜୈଦ୍‌ଙ୍କ ଔରଷରୁ ଆପଣଙ୍କ ସନ୍ତାନ ଅୟାଜ୍ ଜନ୍ମଗ୍ରହଣ କରିଥିଲେ । ***(ଅଲ୍ ଖୋଲ୍‌ଫାଆ ରାଶେଦୀନ୍.....ପୃ-୧୦୦...... ବେରୁତ ୨୦୦୪) (ଅଲ୍‌ଫାରୁକ୍......ପୃ-୪୦୪....କରାଚି ୧୯୯୧) (ଉସ୍ଦୁଲ୍ ଗାବାଃ, ଖଣ୍ଡ-୭, ପୃ-୫୩....... ଲଣ୍ଡନ-୨୦୦୩)***

ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରଶଂସାରେ ବିଖ୍ୟାତ ସମାଲୋଚକ ଏଡ୍‌ୱାଡ଼୍ ଗିବନ୍ ଉଲ୍ଲେଖ କରନ୍ତି ଯେ ହଜ୍‌ରତ୍ ଉମର୍ ର:ଅଙ୍କ ଧର୍ମ ପରାୟଣତା, ବିନମ୍ରତା ହଜରତ ଅବୁବକର ର:ଅଙ୍କଠାରୁ କିଛି କମ୍ ନଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ଭୋଜନରେ ଜଅ ନିର୍ମିତ ରୋଟି ଓ ଖଜୁରୀ ହିଁ ରହୁଥିଲା । ଆପଣ ଏହି ଜିନିଷ ସେବନ କରୁଥିଲେ ଏବଂ ଜଳ ହିଁ ପ୍ରିୟ ପାନୀୟ ଥିଲା (ଅର୍ଥାତ ବହୁତ ଆନନ୍ଦର ସହିତ ଜଳ ବ୍ୟବହାର କରୁଥିଲେ) ସେ ଲୋକମାନଙ୍କୁ ଏଭଳି ଅବସ୍ଥାରେ ତବ୍‌ଲିଗ୍ କରୁଥିଲେ ଯେ, ଆପଣଙ୍କ ବସ୍ତ୍ରରେ ବାରଟି ସ୍ଥାନ ଫଟା ରହିଥିଲା ଅର୍ଥାତ ଚିରି ଯାଇଥିଲା । ଇରାନୀୟ ଗର୍ଭଣ୍ଡର ଯିଏ ଏହି ବିଜେତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ, ସେ ହଜ୍‌ରତ୍ ଉମର୍ ର:ଅଙ୍କୁ ମସ୍‌ଜିଦ ନବୱିର ପାହାଚ ଉପରେ ଦରିଦ୍ରମାନଙ୍କ ସହିତ ଶୋଇଥିବାର ଦେଖିଥିଲେ । ସ୍ୱାଧିନ ଚିନ୍ତାଧାରା ପାଇଁ ଅର୍ଥନୀତୀ ଏକ ମୂଳ ସ୍ରୋତ ହୋଇଥାଏ ଏବଂ ଆମଦାନୀରେ ବୃଦ୍ଧି ଘଟିଥାଏ ଓ ହଜ୍‌ରତ୍ ଉମର୍ ର:ଅଙ୍କ ଯୋଗୁଁ ହିଁ ଏହା ସମ୍ଭବପର ହୋଇପାରିଥିଲା । ନୈଷ୍ଠିକ ମାନଙ୍କର ଅତିତ ଓ ବର୍ତମାନର ସେବା ଯୋଗୁଁ ହିଁ ଅଭାବୀ ଦରିଦ୍ରମାନଙ୍କ ପାଇଁ ନ୍ୟାୟ ସଙ୍ଗତ ଭତାର ନିୟମିତ ବ୍ୟବସ୍ଥା ହଜରତ ଉମର ର:ଅ କରିଥିଲେ । ନିଜର ବାର୍ଦ୍ଧକ୍ୟ ଭତାକୁ ବାଦ ଦେଇ ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ଚଚାଙ୍କ ପାଇଁ ସର୍ବପ୍ରଥମ ଏବଂ ସର୍ବନିମ୍ନ ଆବଶ୍ୟକତାର ପରିପୂରଣ ସକାଶେ ୨୫ ହଜାର ଦିର୍‌ହମ୍‌ର ଭତା ଧାର୍ଯ୍ୟ କରିଥିଲେ । ବଦର ଯୁଦ୍ଧରେ ଅଂଶଗ୍ରହଣ କରିଥିବା ସାହାବାମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଇଁ ପାଂଚ ହଜାର ଦିର୍‌ହମ୍ ଧାର୍ଯ୍ୟ କରିଥିଲେ । । ସେହିପରି ହଜୁର ସ:ଆ:ସଙ୍କ ଅନ୍ୟ ସାହାବାମାନଙ୍କୁ ପୁରସ୍କାର ସ୍ୱରୁପ ବାର୍ଷିକ ତିନିହଜାର ରୋପ୍ୟ ଅର୍ଥରାଶି ଭତା ଆକାରରେ ପ୍ରଦାନ କରାଯାଇଥିଲା (The decline and fall of the Roman empire. by Edward Gibbun. Vol.3 chapter Li. Page 178. London)

ମାଇକେଲ୍ ଏଚ୍ ହାର୍ଟ ନିଜର ପୁସ୍ତକ The Hundred ରେ ଇତିହାସର ଶହେଜଣ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କର ସମ୍ପର୍କରେ ଚର୍ଚ୍ଚା କରିଛନ୍ତି ଏବଂ ସେ ହଜୁର ସ:ଆ:ସଙ୍କୁ ସର୍ବପ୍ରଥମ ସ୍ଥାନରେ ରଖିଥିବା ବେଳେ ହଜରତ ଉମର ର:ଅଙ୍କୁ ବାଉନ ତମ ସ୍ଥାନରେ ରଖି ତାଙ୍କର ଗୁଣଗାରିମା ବର୍ଣ୍ଣନା କରିଛନ୍ତି । ସୁତରାଂ ସେ ଉଲ୍ଲେଖ କରନ୍ତି ହଜରତ ଉମର ବିନ୍ ଖତାବ୍ ର:ଅ ମୁସଲମାନମାନଙ୍କର ଅନ୍ୟ ଖଲିଫାମାନଙ୍କ ତୁଳନାରେ ସର୍ବୋଚ୍ଚ ପଦମର୍ଯ୍ୟାଦା ପୂର୍ଣ୍ଣ ଖଲିଫା ଥିଲେ । ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ସମ ସାମୟିକ ଜଣେ ତରୁଣ ଯୁବକଟିଏ ଥିଲେ ଏବଂ ହଜୁର ସ:ଆ:ସଙ୍କ ପରି ସେ ପବିତ୍ର ମକ୍କା ଭୂମିରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜନ୍ମ ପ୍ରସଙ୍ଗରେ କୌଣସି ସଠିକ୍ ବର୍ଷ ନିରୂପଣ ହୋଇନାହିଁ କିନ୍ତୁ ସମ୍ଭବତଃ ତାଙ୍କ ଜନ୍ମ ୫୮୬ ଖ୍ରୀଷ୍ଟାବ୍ଦରେ ହୋଇଥିବାର ଅନୁମାନ କରାଯାଏ । ପ୍ରାରମ୍ଭିକ ପ୍ରଯ୍ୟାୟରେ ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ନୂତନ ଧର୍ମର ପରମଶତ୍ରୁମାନଙ୍କ ମଧ୍ୟରୁ ଜଣେ ଥିଲେ । କିନ୍ତୁ ହଠାତ୍ ହଜ୍‌ରତ୍ ଉମର୍ ର:ଅ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲେ ଏବଂ ଏହାପରେ ସେ ଇସ୍‌ଲାମ୍ ଧର୍ମର ଦୃଢ଼ ତଥା ସୁଦକ୍ଷ ସିପାହୀ ପାଲଟି ଥିଲେ । ସେଂଟ ପଲ ଯେପରି ଖ୍ରୀଷ୍ଟଧର୍ମରେ ଦିକ୍ଷୀତ ହୋଇଥିଲେ ସେହିପରି ହଜ୍‌ରତ୍ ଉମର୍ ର:ଅଙ୍କୁ ସେଂଟପଲଙ୍କ ସହିତ ସାମଞ୍ଜସ୍ୟତା ପ୍ରଦାନ କରାଯାଇଛି ହଜ୍‌ରତ୍ ଉମର୍ ର:ଅ ହଜୁର ସ:ଆ:ସଙ୍କ ଘନିଷ୍ଠ ତଥା ନିବିଡ଼ତାର ପରାମର୍ଶଦାତାଙ୍କ ମଧ୍ୟରୁ ଜଣେ ଥିଲେ ଏବଂ ହଜୁର ସ:ଆ:ସଙ୍କ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହିପରି ପରାମର୍ଶ ଦେଉଥିଲେ ।

୬୩୨ ଖ୍ରୀଷ୍ଟାବ୍ଦରେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ନିଜର ଉତରାଧିକାରୀଙ୍କ ନାମ ଚୟନ ନ କରି ମୃତ୍ୟୁବରଣ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ଯଥାଶିଘ୍ର ହଜରତ ଅବୁବକର ର:ଅଙ୍କୁ ଖିଲାଫତ ପଦବୀରେ ଅଧିଷ୍ଠିତ କରାଇବା ପାଇଁ ସମର୍ଥନ କରିଥିଲେ । ଯିଏ ରସୁଲୁଲ୍ଲାଃ ସ:ଆ:ସଙ୍କ ଅତି ନିଷ୍ଠ ସାଥି ଏବଂ ଶ୍ୱଶୁର ଥିଲେ । ଫଳତଃ କ୍ଷମତାର ଦ୍ୱନ୍ଦ ଅପସରି ଯାଇଥିଲା । ଏହି ମାଇକେଲ୍ ନିଜସ୍ୱ ଶୈଳୀରେ ଏହି ସବୁ ଘଟଣାମାନ ଉଲ୍ଲେଖ କରିଛି କିନ୍ତୁ ସେ ନିଜେ ଏହା ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ ଯେ, ଲୋକମାନେ କିଭଳି ଏକତ୍ରିତ ହୋଇ ହଜରତ ଅବୁବକର ର:ଅ ଓ ହଜ୍‌ରତ୍ ଉମର୍ ର:ଅଙ୍କୁ ଖଲିଫା ମନୋନୀତ କରିଥିଲେ । ସେ ଯାହା ହେଉ ନା କାହିଁକି ସାଂସାରିକ ଦୃଷ୍ଟିକୋଣରୁ ଦେଖିଲେ ସେ ଏହା ମତବ୍ୟକ୍ତ କରେ ଯେ ହଜ୍‌ରତ୍ ଉମର୍ ର:ଅ ନିଜ ଶ୍ୱଶୁରଙ୍କର ବୟତ କରିନେଲେ ଯଦ୍ୱାରା ଶାସନ କ୍ଷମତା ସମ୍ପର୍କିତ ଦ୍ୱନ୍ଦଟି କ୍ରମଶଃ ଦୂରିଭୂତି ହୋଇଯାଇଥିଲା । ଏତଦ୍‌ଦ୍ୱାରା ହଜରତ ଅବୁବକର ର:ଅ ଏତେ ଯୋଗ୍ୟ ବିବେଚିତ ହେଲେ ଯେ ଫଳତଃ ହଜରତ ଅବୁବକର ର:ଅଙ୍କୁ ପ୍ରଥମ ଖଲିଫା ରୂପେ ସ୍ୱୀକାର କରିନିଆଗଲା । ଅର୍ଥାତ ମୁହମ୍ମଦ ସ:ଆ:ସଙ୍କ ଉତରାଧିକାରୀ । ହଜରତ ଅବୁବକର ର:ଅ ଜଣେ ସଫଳ ମାର୍ଗଦର୍ଶନକାରୀ ବ୍ୟକ୍ତି ଥିଲେ କିନ୍ତୁ ସେ କେବଳ ଦୁଇ ବର୍ଷ ପର୍ଯ୍ୟନ୍ତ ଖିଲାଫତ୍ ଆସନରେ ବିରାଜମାନ ରହିବା ପରେ ମୃତ୍ୟୁବରଣ କରିଥିଲେ । ଏ ସବୁ ସତ୍ତ୍ୱେ ସେ ନିଜ ପରେ ନିର୍ଦ୍ଦିଷ୍ଟ ରୂପେ ହଜ୍‌ରତ୍ ଉମର୍ ର:ଅଙ୍କୁ ନିଜର ଉତରାଧିକାରୀ ରୂପେ ମନୋନୀତ କରିଥିଲେ । ହଜ୍‌ରତ୍ ଉମର୍ ର:ଅ ନବୀ କରିମ୍ ସ:ଆ:ସଙ୍କ ଶ୍ୱଶୁର ଥିଲେ ଏହି କାରଣରୁ ପୁଣି ଥରେ ଖିଲାଫତର ଶାସନ ପାଇଁ ପ୍ରତିଯୋଗିତା ହେବାକୁ ଥିବା ଆଶଙ୍କା ତଥା ସଂଗ୍ରାମଟି ପୂର୍ନବାର ଟଳି ଯାଇଥିଲା । ଏହି ପାଶ୍ଚାତ୍ୟ ସମାଲୋଚକ ମାଇକେଲ୍ ଏଚ୍‌ହାଟ୍ ଏହି ଘଟଣାକୁ ସାଂସାରିକ ରୂପ ଦେବାକୁ ଚାହୁଁଛି କିନ୍ତୁ ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅଙ୍କର ସେ ଭୁରିଭୂରି ପ୍ରଶଂସା କରିଛି । ହଜ୍‌ରତ୍ ଉମର୍ ର:ଅ ୬୩୪ ଖ୍ରୀଷ୍ଟାବ୍ଦରେ ଖଲିଫା ହୋଇଥିଲେ ଏବଂ ୬୪୪ ଖ୍ରୀଷ୍ଟାବ୍ଦ ପଯ୍ୟନ୍ତ ଆପଣଙ୍କର ଖିଲାଫତ କାଳ ଅଭ୍ୟାହତ ରହିଥିଲା । ହଜ୍‌ରତ୍ ଉମର୍ ର:ଅଙ୍କୁ ଜଣେ ଇରାନୀୟ ଦାସ ମଦିନାରେ ଶହୀଦ

କରିଥିଲା । ରୋଗସଜ୍ୟାରେ ହଜ୍‌ରତ୍ ଉମର୍ ର:ଅ ଛଅଜଣ ବ୍ୟକ୍ତିଙ୍କର ଏକ କମିଟି ଗଠନ କରିଥିଲେ ଯେଉଁମାନେ ହଜ୍‌ରତ୍ ଉମର୍ ର:ଅଙ୍କ ଉତରାଧିକାରୀକୁ ମନୋନୀତ କରିବେ ଏବଂ ଏଥର ପୁଣି ଥରେ କ୍ଷମତା ପ୍ରାପ୍ତ ପାଇଁ ହେବାକୁ ଥିବା ଖଣ୍ଡା ଯୁଦ୍ଧକୁ ଏଡ଼ାଇ ଦିଆଯାଇଥିଲା । ଉକ୍ତ କମିଟିଟି ହଜରତ ଉସ୍‌ମାନ୍ ର:ଅଙ୍କୁ ଇସ୍‌ଲାମ୍‌ର ତୃତୀୟ ଖଲିଫା ରୂପେ ମନୋନୀତ କରିଥିଲେ । ଫଳସ୍ୱରୁପ ହଜରତ ଉସ୍‌ମାନ୍ ର:ଅ ୬୪୪ ଖ୍ରୀଷ୍ଟାବ୍ଦରୁ ୬୫୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଖିଲାଫତ ଆସନରେ ବିରାଜିତ ରହିଥିଲେ ।

ଏହି ପାଶ୍ଚାତ୍ୟ ସମାଲୋଚକ ପୁନଶ୍ଚ ଉଲ୍ଲେଖ କରନ୍ତି ହଜ୍‌ରତ୍ ଉମର୍ ର:ଅଙ୍କର ହିଁ ସେହି ଦଶ ବର୍ଷୀୟ ଶାସନ ଥିଲା ଯହିଁରେ ଆରବୀୟମାନେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଜୟମାନ ପ୍ରାପ୍ତ କରିଥିଲେ । ଆପଣଙ୍କ ଖିଲାଫତର କିଛି ସମୟ ପରେ ହିଁ ଆରବୀୟ ସୈନ୍ୟ ସିରିୟା ଏବଂ ପାଲେଷ୍ଟାଇନ୍ ଉପରେ ଆକ୍ରମଣ କରିଦେଇଥିଲା ଏବଂ ତାହାକୁ ଅଧିକାର କରିନେଇଥିଲା । ଉକ୍ତ ଦେଶଗୁଡ଼ିକ ସେତେବେଳେ ବାଜନ୍ତିନ୍ ଶାସନର ଏକ ଅଂଶ ବିଶେଷ ଥିଲା । ୟରମୁକ ଯୁଦ୍ଧ ୬୩୬ ଖ୍ରଷ୍ଟାବ୍ଦରେ ଆରବୀୟମାନେ ବାଜନ୍ତିନି ସେନା ବିପକ୍ଷରେ ଏଭଳି ବିଜୟ ପ୍ରାପ୍ତ କଲେ ଯଦ୍ୱାରା ସେମାନଙ୍କର ଅଂଟା ଭାଙ୍ଗିଗଲା । ଦିମଶ୍‌କ୍ ଉପରେ ମଧ୍ୟ ସେହି ବର୍ଷ ବିଜୟ ଲାଭ ହୋଇଥିଲା ତା'ପରେ ଜେରୁଶିଲମ୍ ଦୁଇବର୍ଷ ପରେ ଆତ୍ମସମର୍ପଣ କରିଦେଇଥିଲା । ୬୪୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଆରବୀୟମାନେ ସମଗ୍ର ପାଲେଷ୍ଟାଇନ୍ ଓ ସିରିୟାକୁ ଅଧିକାର କରିନେଇଥିଲେ ଏବଂ ସାମ୍ପ୍ରତିକ ଯୁଗର ତୁର୍କୀ ଅଭିମୁଖେ ଅଗ୍ରସର ହୋଇଥିଲେ । ୬୩୯ ଖ୍ରୀଷ୍ଟାବ୍ଦରେ ଆରବୀ ସେନା ମିଶରରେ ପ୍ରବେଶ କରିଥିଲେ ଏବଂ ସେହି ଦେଶଟି ଅର୍ଥାତ ମିଶର ସେତେବେଳେ ବାଜନ୍ତିନି ଶାସନାଧିନ ଥିଲା । ତିନିବର୍ଷ ଭିତରେ ମିଶର ସମ୍ପୁର୍ଣ୍ଣ ରୂପେ ମୁସଲମାନମାନଙ୍କ ଅଧିନକୁ ଆସିଯାଇଥିଲା । ଇରାକ ଉପରେ ଆରବୀୟମାନଙ୍କର ଆକ୍ରମଣ ସେ ସମୟରେ ଇରାନୀମାନେ ସାସାନୀ ରାଜତ୍ୱର ଅଧିନରେ ଥିଲେ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ଆସନରେ ଅଭିଷିକ୍ତ ପୂର୍ବରୁ ହିଁ ସେମାନଙ୍କ ଉପରେ ମୁସଲମାନମାନେ ଶାସନ କରିବା ଆରମ୍ଭ କରିଦେଇଥିଲେ । ଆରବୀୟମାନଙ୍କ ବିଜୟର ଚାବିକାଠି କାଦିସିୟା ଯୁଦ୍ଧ ୬୩୭ରେ ସଫଳତା ପୂର୍ବକ ହଜ୍‌ରତ୍ ଉମର୍ ର:ଅଙ୍କ ଶାସନରେ ହିଁ ହୋଇଥିଲା । ୬୪୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସମଗ୍ର ଇରାକ ଆରବୀୟମାନଙ୍କ କବଳକୁ ଚାଲି ଆସିଥିଲା ଏବଂ ବିଜୟର ପରମ୍ପରା କେବଳ ଏହିଠାରେ ଅଟକି ରହିଗଲା ନାହିଁ ବରଂ ଆରବୀୟ ସୈନ୍ୟମାନେ ଫରାସୀମାନଙ୍କ ସୈନ୍ୟ ଉପରେ ମଧ୍ୟ ଆକ୍ରମଣ କରିଦେଇଥିଲେ । ନହଓ୍ୱନ୍ଦର ଯୁଦ୍ଧ ୬୪୨ ଖ୍ରୀଷ୍ଟାବ୍ଦରେ ଆରବୀୟ ମୁସଲମାନମାନେ ଶେଷ ସାସାନୀ ସମ୍ରାଟଙ୍କ ସୈନ୍ୟଙ୍କୁ ନିର୍ଣ୍ଣାୟକ ପରାଜୟର ସ୍ୱାଦ ଆସ୍ୱାଦନ କରାଇଦେଇଥିଲେ ।

ହଜ୍‌ରତ୍ ଉମର୍ ର:ଅଙ୍କର ଯେତେବେଳେ ବିୟୋଗ ହେଲା ଅର୍ଥାତ ୬୪୨ ଖ୍ରୀଷ୍ଟାବ୍ଦରେ, ସେତେବେଳକୁ ଇରାନ୍‌ର ପଶ୍ଚିମାଂଚଳର ଅଧିକାଂଶ ଭାଗ ମୁସଲମାନମାନଙ୍କ ହାତ ମୁଠାକୁ ଚାଲି ଆସିଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ବିୟୋଗରେ ମଧ୍ୟ ଆରବୀୟ ସେନାର ଉତ୍ସାହ କ୍ରମଶଃ ଶିଥିଳ ହୋଇନଥିଲା । ପୂର୍ବପଟରେ ସେମାନେ ଅତି ଶିଘ୍ର ଇରାନ ଉପରେ ବିଜୟ ପ୍ରାପ୍ତ କରିନେଇଥିଲେ । ଅପରପାର୍ଶ୍ୱରେ ପଶ୍ଚିମରେ ଉତର ଆଫ୍ରିକା ଅଭିମୁଖେ ସେମାନେ ଅଗ୍ରସର ହୋଇଥିଲେ । ଏହି ସମାଲୋଚକ ପୁନଶ୍ଚ ଉଲ୍ଲେଖ କରନ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ବିଜୟରେ ଯେଉଁ ଭଳି ବ୍ୟାପକତା ଓ ମହତ୍ୱତା ରହିଛି ସେହିଭଳି ତାଙ୍କର ଦୃଢ଼ ବିଜୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଯଦିଓ ଇରାନୀୟ ଜନସଂଖ୍ୟା ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଗଲେ କିନ୍ତୁ ପରିଶେଷରେ ସେମାନେ ଆରବୀୟମାନଙ୍କ ଶାସନରୁ ମୁକୁଳି ଯାଇଥିଲେ କିନ୍ତୁ ସିରିୟା ଇରାକ୍, ମିଶରର ଅଧିବାସୀମାନେ ଏପରି କଲେନାହିଁ । ସେମାନେ ସମସ୍ତେ ଆରବୀୟ ସଭ୍ୟତାକୁ ଆପଣାଇ ନେଇଥିଲେ । ଆଜି ପର୍ଯ୍ୟନ୍ତ ମଧ୍ୟ ସେଠାରେ ଏହି ପରିସ୍ଥିତି ଅଭ୍ୟାହତ ରହିଛି ଅର୍ଥାତ ଆରବୀୟ ପରମ୍ପରା ଅଭ୍ୟାହତ ରହିଛି । ଏହି ସମାଲୋଚକ ପୁନଶ୍ଚ ଉଲ୍ଲେଖ କରନ୍ତି ନିଃସନ୍ଦେହ ରୂପେ ହଜ୍‌ରତ୍ ଉମର୍ ର:ଅ ଏଭଳି ନୀତି ଆପଣାଇଥିଲେ ଯେ ଇସ୍‌ଲାମୀୟ ସୈନ୍ୟ ଯେଉଁ ଦେଶକୁ ଜୟ କରୁଥିଲା ସେହି ଦେଶମାନଙ୍କରେ ଏକ ବିଶାଳ ଇସ୍‌ଲାମୀୟ ଶାସନର ବ୍ୟବସ୍ଥା କିପରି ପ୍ରଚଳନ କରାଯାଇପାରିବ ସେହି ପ୍ରୟାସରେ ହଜରତ ଉମର୍ ର:ଅ ଲାଗି ରହୁଥିଲେ । ସେ ଏହି ନିଷ୍ପତି ନେଲେ ଯେ, ଆରବୀୟମାନେ ଯେଉଁ ଅଂଚଳଗୁଡ଼ିକୁ ଜୟ କରିଛନ୍ତି ତାହା ବିଶେଷ ରୂପେ ସୈନ୍ୟ ଛାଉଣୀର ମର୍ଯ୍ୟାଦା ଲାଭ କରୁ ଓ ସେମାନେ ସ୍ଥାନୀୟ ଲୋକଙ୍କଠାରୁ ପୃଥକ ହୋଇ ଛାଉଣୀରେ ରହନ୍ତୁ । ପରାଜିତ ଲୋକମାନେ ମୁସଲମାନମାନଙ୍କୁ ଯେଉଁମାନେ ଅଧିକାଂଶ ବିଜେତା ଆରବୀୟ ଥିଲେ ଅର୍ଥାତ ସେମାନେ ମୁସଲମାନ ବିଜେତାମାନଙ୍କୁ ଏକପ୍ରକାର ଜିଜିଆ କର ଦେଉଥିଲେ ଏହାକୁ ବାଦ୍ ଦେଲେ ସେମାନେ ସମ୍ପୁର୍ଣ୍ଣ ରୂପେ ଶାନ୍ତିପୂର୍ଣ୍ଣ ଜୀବନ ଯାପନ କରୁଥିଲେ । ଏତଦ୍‌ଭିନ୍ନ ସେମାନଙ୍କ ଉପରେ କୌଣସି ଦାୟିତ୍ୱ ଭାର ନ୍ୟସ୍ତ ନଥିଲା । ବିଶେଷତଃ ସେମାନଙ୍କୁ ବାଧ୍ୟ କରି ମୁସଲମାନ ବନାଇବାକୁ ଚେଷ୍ଟା କରାଯାଉନଥିଲା ବରଂ ମୁସଲମାନମାନେ ସେମାନଙ୍କ ସୁରକ୍ଷାର ପୂର୍ଣ୍ଣ ଦାୟିତ୍ୱ ବହନ କରୁଥିଲେ । ବିଶେଷ କରି ସେମାନଙ୍କୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରାଯାଉନଥିଲା । ଉପରୋକ୍ତରେ ବର୍ଣ୍ଣିତ କଥାରୁ ଏହା ସାବ୍ୟସ୍ତ ହେଉଛି ଯେ, ଆରବୀୟମାନଙ୍କର ଅଭିଯାନ ପବିତ୍ର ଯୁଦ୍ଧ ଅପେକ୍ଷା ଜାତିୟ ସ୍ୱାର୍ଥର ଗୁରୁତ୍ୱବହନକାରୀ ଥିଲା । ଯଦିଓ ଧାର୍ମିକ ତତ୍ୱ ସମ୍ପୁର୍ଣ୍ଣ ରୂପେ ଶୂନ୍ୟ ହୋଇନଥିଲା । ହଜ୍‌ରତ୍ ଉମର୍ ର:ଅଙ୍କର ସଫଳତା ନିଃସନ୍ଦେହ ରୂପେ ଅତ୍ୟନ୍ତ ପ୍ରଭାବଶାଳୀ ଥିଲା । ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପରେ ହଜ୍‌ରତ୍ ଉମର୍ ର:ଅଙ୍କ ଭଳି ବ୍ୟକ୍ତିତ୍ୱ ହିଁ ଇସ୍‌ଲାମ୍‌ର ପ୍ରଚାର ପ୍ରସାରର ଚାବିକାଠି ଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ରୁତ ବିଜୟ ବ୍ୟତିତ ବୋଧ ହୁଏ ଏହା ସମ୍ଭବପର ହୋଇପାରିନଥାନ୍ତା ଯେ ଇସ୍‌ଲାମ୍ ଧର୍ମ ଏଭଳି ପ୍ରସାରିତ ହୋଇଥାନ୍ତା ଯାହା ବର୍ତମାନ ପ୍ରଚାର ପ୍ରସାର ହୋଇଥିବାର ଦେଖାଯାଉଅଛି । ଯେଉଁଠାରେ ହଜ୍‌ରତ୍ ଉମର୍ ର:ଅ ବିଜୟ ପ୍ରାପ୍ତ କରିଥିଲେ ସେଠାରେ ଆଜି ମଧ୍ୟ ଇସ୍‌ଲାମ୍ ଜୀବିତ ରହିଛି । ନିଃସନ୍ଦେହ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଯିଏକି ଅଧିକ ଶକ୍ରିୟ ବ୍ୟକ୍ତି ଥିଲେ ଅଧିକ ସଫଳତାର ଶ୍ରେୟ ତାଙ୍କରି ନିକଟକୁ ଯାଉଛି । କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ ଭୂମିକାକୁ ଅଣଦେଖା କରିଦେବାଟା ବଡ଼ ଭୁଲ ହେବ । ହଜ୍‌ରତ୍ ଉମର୍ ର:ଅଙ୍କ ଜୟଯାତ୍ରା ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପ୍ରଭାବରେ ହିଁ ରହିଥିଲା ଏବଂ ଆପଣଙ୍କ କାଳରେ ଏ ସବୁ ବିଜୟ ଲାଭ କରିବା ନିୟତ ଥିଲା । କିନ୍ତୁ ସେହି ଅସାଧାରଣ ସୀମା ପର୍ଯ୍ୟନ୍ତ ନୁହେଁ ଯେପର୍ଯ୍ୟନ୍ତ ହଜ୍‌ରତ୍ ଉମର୍ ର:ଅଙ୍କ ସଫଳତମ ଭବ୍ୟ ନେତୃତ୍ୱରେ ମିଳିଥିଲା । ଏହି ସମାଲୋଚକ ପୂନଶ୍ଚ ଉଲ୍ଲେଖ କରନ୍ତି ସମ୍ଭବତଃ ଏହା ଅବଶ୍ୟ ବିଚିତ୍ର କଥା ହୋଇପାରେ ଯେ ହଜ୍‌ରତ୍ ଉମର୍ ର:ଅ ଯିଏ ପଶ୍ଚିମ ଦେଶମାନଙ୍କରେ ଏକ ଅଜ୍ଞାତ ବ୍ୟକ୍ତିତ୍ୱ ଥିଲେ ତାଙ୍କୁ ସାଲିମୋନ୍ ଓ ଜୁଲିଅସ୍ ସିଜର୍‌ଙ୍କ ଭଳି ବିଖ୍ୟାତ ବ୍ୟକ୍ତିତ୍ୱଙ୍କଠାରୁ ଉଚ୍ଚତମ ମର୍ଯ୍ୟାଦା ପ୍ରଦାନ କରାଯିବ । ତଥାପି ହଜ୍‌ରତ୍ ଉମର୍ ର:ଅଙ୍କ ଶାସନ କାଳରେ ଆରବୀୟମାନଙ୍କର ବିଜୟର ଗାଥା ସାଲିମୋନ୍ ଓ ଜୁଲିୟସ୍ ସିଜରଙ୍କ ତୁଳନାରେ ସ୍ଥୁଳତା ଓ ସମୟ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ (A ranking of: The 100 Hart pages, the most infulential persons in History of Michael 2008. Bhd. Golden Books centre sdarto 275271)

ପୁନଶ୍ଚ ସେହିପରି ଅନ୍ୟ ଏକ ଅଧ୍ୟାପକ ଯାହାଙ୍କ ନାମ ହେଉଛି Philip K. Ititti ସେ ନିଜର ପୁସ୍ତକ History of the Arabରେ ଉଲ୍ଲେଖ କରିଛନ୍ତି ହଜ୍‌ରତ୍ ଉମର୍ ର:ଅ ଜଣେ ସରଳ, ମିତବ୍ୟୟ ବ୍ୟକ୍ତି ଥିଲେ ଏବଂ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଜଣେ ଶକ୍ରିୟ ଓ ଯୋଗ୍ୟତମ ଉତରାଧିକାରି ଥିଲେ । ସେ ଉଚ୍ଚ ପଦମର୍ଯ୍ୟାଦା ସମ୍ପର୍ଣ୍ଣ ଓ ଶକ୍ତିଶାଳୀ ସମ୍ପନ୍ନ ବ୍ୟକ୍ତି ବିଶେଷ ଥିଲେ ସେ ଜଣେ ଉଚ୍ଚା ଓ ମଜ୍‌ଭୁତ୍ ଶରୀରର ଅଧିକାରୀ ଥିଲେ । ତାଙ୍କ ମୁଣ୍ଡରେ ଖୁବ୍ କମ କେଶ ରହିଥିଲା । ସେ ଖିଲାଫତ ଆସନରେ ବସିବା ପରେ ମଧ୍ୟ କିଛି କାଳ ପର୍ଯ୍ୟନ୍ତ ବେପାର କରି ଚଳିଥିଲେ ଏବଂ ସରଳତା ମାଧ୍ୟମରେ ଜୀବନ ଯାପନ କରିବାପାଇଁ ପ୍ରୟାସ କରିଥିଲେ । ସେ ନିଜର ସମଗ୍ର ଜୀବନ ଏକ ମଫସଲି ପଲ୍ଲୀ ବାସୀ ବ୍ୟକ୍ତି ପରି ଓ ମୂଖିଆଙ୍କ ଭଳି ସରଳ ଜୀବନ ଯାପନ ଅତିବାହିତ କରିଥିଲେ । ବାସ୍ତବରେ ବିଶ୍ୱସନୀୟ ବର୍ଣ୍ଣନା ଅନୁସାରେ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପରେ ହଜ୍‌ରତ୍ ଉମର୍ ର:ଅଙ୍କ ନାମ ସୁପ୍ରଶିଦ୍ଧ ଥିଲା । ହଜ୍‌ରତ୍ ଉମର୍ ର:ଅଙ୍କୁ ଇତିହାସବିତ୍‌ମାନେ ତାଙ୍କର ଧର୍ମପରାୟଣତା, ନ୍ୟାୟପରାୟଣତା ଓ ସରଳତା ର ସହିତ ଜୀବନ ଯାପନ କରିବାକୁ ଏକ ଉଦାହରଣ ସ୍ୱରୁପ ରଖିଛନ୍ତି । ଖଲିଫାଙ୍କ ବ୍ୟକ୍ତିତ୍ୱରେ ଘଟିଥିବା ସମସ୍ତ ସୁଗୁଣାବଳୀରୁ ଉତମ ରୂପେ ଉପସ୍ଥାପନ କରିଛନ୍ତି । ପୁନଶ୍ଚ ସେ ଉଲ୍ଲେଖ କରନ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ଭଳି ଉଚ୍ଚ କ୍ଷମତା ସମ୍ପନ୍ନ ଉତରାଧିକାରୀଙ୍କ ସକାଶେ ସେ ସମସ୍ତଙ୍କ ପାଇଁ ଜଣେ ମାର୍ଗଦର୍ଶକ ଥିଲେ ଅର୍ଥାତ ଉଦାହରଣ ଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ପର୍କରେ କୁହାଯାଏ ଯେ, ହଜ୍‌ରତ୍ ଉମର୍ ର:ଅ କେବଳ ଗୋଟିଏ କମିଜ୍ ଏବଂ ଗୋଟିଏ ପୋଷାକ ବ୍ୟବହାର ବସ୍ତ୍ର ଆକାରରେ କରୁଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କର ସେହି ଦୁଇଟି ବସ୍ତ୍ର ଚିରି ଯାଇଥିଲା ଓ ସେଥିରେ ରଫୁ କରାଯାଇଥିବାର ଚିହ୍ନ ସ୍ୱଷ୍ଟ ରୂପେ ଦୃଶ୍ୟମାନ ହେଉଥିଲା । ହଜ୍‌ରତ୍ ଉମର୍ ର:ଅ ଖଜୁରୀ ପତ୍ରର ବିଛଣା ଉପରେ ଶୋଇ ଯାଉଥିଲେ (History of the Arabs by Philip K. Hitti, Loth edition, page-175, London 1989 । ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନର ଆଲୋଚ୍ୟ ପ୍ରସଙ୍ଗଟି ବର୍ତମାନ ଅଭ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

ବର୍ତମାନ ମୁଁ କେତେକ ମୃତକଙ୍କର ନମାଜ ଯନାଜାଃର ଚର୍ଚ୍ଚା କରିବି ଏବଂ ତାଙ୍କ ସୁଗୁଣାବଳୀର ଆଲୋଚନା କରିବି ତନ୍ମଧ୍ୟରୁ ସର୍ବପ୍ରଥମ ମୃତକ ହେଲେ ସମ୍ମାନନୀୟା ସ୍ୱର୍ଗତା ଆସ୍‌ଫା ସାହବ୍‌ଜାଦି ମସ୍‌ଉଦ୍ ବେଗମ୍ ସାହିବା ସେ ସ୍ୱର୍ଗତ ଡ଼ାକ୍ତର ମିର୍ଜା ମୁବସିର୍ ଅହେମଦ୍ ସାହେବଙ୍କର ପତ୍ନୀ ଥିଲେ । ବିଗତ ଦିନ ୯୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତା ହଜରତ ମସିହ୍ ମଉଦ୍ ଆ:ସଙ୍କ ନାତୁଣୀ ଓ ହଜରତ ନଓ୍ୱାବ ମୁବାରକା ବେଗମ୍ ସାହିବା ଓ ହଜରତ ନଓ୍ୱାବ ମୁହମ୍ମଦ ଅଲୀ ସାହେବଙ୍କର କନିଷ୍ଠ କନ୍ୟା ଥିଲେ । ସ୍ୱର୍ଗତା ହଜରତ ମିର୍ଜା ବଶିର୍ ଅହେମଦ୍ ସାହେବଙ୍କର କୂଳବଧୂ ଥିଲେ ।

ଅଲ୍ଲାଃ ତାଲାଙ୍କ କୃପାରୁ ସେ ଓ୍ୱସିୟତ କରିଥିଲେ । ତାଙ୍କ ପରିଜନଙ୍କ ମଧ୍ୟରେ ଜଣେ ପୁତ୍ର ଓ ଚାରିଜଣ କନ୍ୟା ସନ୍ତାନ ଅଛନ୍ତି । ସ୍ୱର୍ଗତାଙ୍କର ସୁପୁତ୍ର ତାରିକ୍ ଅକ୍‌ବର୍ ସାହେବ କୁହନ୍ତି; ମୋ ମାତା ସର୍ବଦା ଯମାତ୍ ଓ ଖିଲାଫତ୍ ସହିତ ବିଶ୍ୱସ୍ତତାର ସମ୍ପର୍କ ସ୍ଥାପନ ଅଭ୍ୟାହତ ରଖିଥିଲେ । ସେ ଅହରହ ଏହି ଚେଷ୍ଟାରେ ରହୁଥିଲେ ଯେ, କିଭଳି ଭାବରେ ଯମାତ୍‌ର ସେବା କରିବେ ଓ ନିଜର ଓ୍ୱସିୟତ୍‌ର କର୍ତବ୍ୟକୁ କିପରି ସମ୍ପାଦନ କରିବେ । ସ୍ୱର୍ଗତା ନିଜ ଜୀବିତ ଅବସ୍ଥାରେ ହିଁ ନିଜ ଓ୍ୱସିୟତର ସମ୍ପତି ଅଂଶ ନିଜ ସମ୍ପତି ମଧ୍ୟରୁ ପଇଠ କରିଦେଇଥିଲେ । ପ୍ରତ୍ୟେକ ବର୍ଷ ମରହୁମୀନ୍ ଅର୍ଥାତ ନିଜ ଘରର ମୃତ ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ସେ ଚାନ୍ଦା ପଇଠ କରୁଥିଲେ । ଅଭାବୀ ବ୍ୟକ୍ତିଙ୍କୁ ମନ ଖୋଲି ମୁକ୍ତ ହସ୍ତରେ ଏବଂ ଗୁପ୍ତ ଭାବରେ ମଧ୍ୟ ସାହାଯ୍ୟ କରୁଥିଲେ । ଆମ ଘରର କର୍ମଚାରୀଙ୍କ ସମ୍ପର୍କରେ ମତେ ଅନେକ ଥର ଏକଥା କହୁଥିଲେ ଯେ, ଏମାନେ ତୁମ ଭାଇଭଉଣୀଙ୍କ ପରି ତେଣୁ ତୁମେ ଏମାନଙ୍କର ଧ୍ୟାନ ରଖିବ । ସେ ସମ୍ପର୍କକୁ ନିର୍ବାହ କରିବା ପାଇଁ ସର୍ବଦା ଏହି ପ୍ରୟାସରେ ରହୁଥିଲେ ଯେ ତାଙ୍କ ଦ୍ୱାରା ସେମାନଙ୍କୁ କୌଣସି ଦୁଃଖକଷ୍ଟ ଯେପରି ନପହଂଚିବ । ନମାଜର ନିୟମିତ ଭାବରେ ପାଠକାରିଣୀ ଅଲ୍ଲାଃ ତାଲାଙ୍କ କର୍ତବ୍ୟ ସମ୍ପାଦନକାରୀ, ଭକ୍ତମାନଙ୍କର କର୍ତବ୍ୟ ସମ୍ପାଦନକାରୀ ମହିଳା ଥିଲେ ।

ତାଙ୍କର ବଧୂ ନଇମା ସାହେବା କୁହନ୍ତି ଯେତେବେଳେ ଆମର ଆମେରିକା ସ୍ଥିତ ବାସଭବନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ସେତେବେଳେ ସେ କହିଲେ ଏହି ଘରକୁ ଆସବାବ ପତ୍ର ଆଣିବା ପୂର୍ବରୁ ଏହି ବାସଭବନର ପ୍ରତ୍ୟେକ କୋଠରୀରେ ଓ କୋଣରେ ନଓ୍ୱାଫିଲ୍ ପଢ଼ିବ । ପୁନଶ୍ଚ ସେ କୁହନ୍ତି ମୋର ମାତାଙ୍କ ବିୟୋଗ ପରେ ମତେ କହିବାକୁ ଲାଗିଲେ ଯେ, ତୁମେ ନିଜ ମାତାଙ୍କ ବିୟୋଗ ପରେ ନିଜକୁ ଏହା ଯେପରି ନ ଭାବ କି ତୁମେ ମା ଛେଉଣ୍ଡ ହୋଇଯାଇଛ ବୋଲି ନା ବରଂ ତୁମେ ଏହା ଭାବ ଯେ, ମୁଁ ହେଉଛି ବର୍ତମାନ ତୁମର ମାଆ ଏବଂ ମୁଁ ହିଁ ତୁମର ମାଆ । ପ୍ରକୃତରେ ତାଙ୍କର ପ୍ରେମମୟ ଓ ପ୍ରାର୍ଥନାକାରିଣୀ ପ୍ରୀୟ ବ୍ୟକ୍ତିତ୍ୱ ଦ୍ୱାରା ମତେ ନିଜ ଝିଅମାନଙ୍କଠାରୁ ଅଧିକ ପ୍ରେମ ଓ ସ୍ନେହ ମିଳିଥିଲା । ସେ ସର୍ବଦା ଏହି ଉପଦେଶ ଦେଉଥିଲେ ଯେ, ଖିଲାଫତ୍ ସହିତ କେବେବି ସମ୍ପର୍କ ଛିନ୍ନ କରିବନାହିଁ । ହଜୁର ଅନଓ୍ୱର ଅ:ବ:ଅ କହିଲେ:- ମୋ ସହିତ ତାଙ୍କର ବିଭିନ୍ନ ସମ୍ପର୍କ ରହିଥିଲା ସେ ମୋ ଦାଦି ଅର୍ଥାତ ଜେଜି ମାଆଙ୍କ ଦ୍ୱିତୀୟ ମାଆଙ୍କଠାରୁ ଭଉଣୀ ଥିଲେ ଏହି ଦୃଷ୍ଟିରୁ ସେ ଦାଦି ମଧ୍ୟ ବୋଲାଉଥିଲେ, ଏବଂ ଖାଲା ମଧ୍ୟ ବୋଲାଉଥିଲେ, ସେ ସମ୍ପର୍କରେ ପିଉସୀ ମଧ୍ୟ ଥିଲେ । ତଥାପି ସେ କହୁଥିଲେ ଏ ସମସ୍ତ ସମ୍ପର୍କ ସତ୍ୱେ ମୁଁ କେବଳ ଉପସ୍ଥିତ ଖଲିଫାଙ୍କର ଆଜ୍ଞାକାରିଣୀ । ପ୍ରକୃତରେ ସେ ଏହି ସମ୍ପର୍କକୁ ଖିଲାଫତ୍ ସହିତ ଅତି ବିଶ୍ୱସ୍ତତାର ସହିତ ନିର୍ବାହ କରିଥିଲେ । ସେ ବିପୁଳ ପରିମାଣରେ ଅର୍ଥ ଦାନ କରୁଥିଲେ, ତହିଁରିକେ ଯଦିଦରେ ପୂର୍ବରୁ ମୃତ୍ୟୁବରଣ କରିଥିବା ବୟୋଜ୍ୟୋଷ୍ଠ ସମ୍ମାନନୀୟ ଲୋକମାନଙ୍କର ଚାନ୍ଦା ପ୍ରଦାନ କରୁଥିଲେ ସେହିପରି ଶିକ୍ଷକମାନଙ୍କର ଚାନ୍ଦା ପ୍ରଦାନ କରୁଥିଲେ । ସେହିପରି ଶିକ୍ଷକମାନଙ୍କର ଏବଂ କାଦିୟାନ୍‌ର କର୍ମଚାରୀଙ୍କ ପକ୍ଷରୁ ମଧ୍ୟ ସେ ଚାନ୍ଦା ପଇଠ କରୁଥିଲେ । ନିଜ ଘରର କର୍ମଚାରୀମାନଙ୍କୁ ବିଦା କରୁଥିବା ସମୟରେ ବହୁତ କିଛି ଉପହାର ଦେଉଥିଲେ । ସେ ଏହା ମଧ୍ୟ କହୁଥିଲେ ଯେ, ମୋ ଦ୍ୱାରା ଯଦି କୌଣସି ଦୋଷତ୍ରୁଟି ହୋଇଯାଇଥିବ ତେବେ ଆପଣମାନେ ମତେ କ୍ଷମା କରିଦେବେ ।

ତାଙ୍କର ଜଣେ ସୁପୁତ୍ରୀ ଶାହିଦା ସାହେବା କହିଛନ୍ତି ଯେ ଶୈଶବ ଅବସ୍ଥାରୁ ହିଁ ଆମର ମାତା ଆମମାନଙ୍କ ପରିଚୟ ଅଲ୍ଲାଃ ତାଲାଙ୍କ ସହିତ କରାଇଥିଲେ । ସେହିପରି ସେ ଏହା କହୁଥିଲେ ଯେ, ଜୋତାର ଫିତା ବି ଯଦି ତୁମମାନଙ୍କୁ ଆବଶ୍ୟକ ପଡ଼େ ତେବେ ତାହା ମଧ୍ୟ ଅଲ୍ଲାଃଙ୍କଠାରୁ ଭିକ୍ଷା କରିବ, ଦୁଆ କରୁଥିବ ତାଙ୍କଠାରୁ ହିଁ ମାଗୁଥିବ । ଖିଲାଫତ୍ ସହିତ ସେମାନଙ୍କ ସମ୍ପର୍କକୁ ଗଭୀର କରିବାପାଇଁ ସେ ପିଲାମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । ଯେତେବେଳେ ବି ଖିଲାଫତର ମନୋନୀତ ହେଉଥିଲେ ସେତେବେଳେ ସେ ତାଙ୍କ ସହ ଅର୍ଥାତ ନୂତନ ଖଲିଫାଙ୍କ ସହିତ ଆଜ୍ଞାକାରୀ ହେବାପାଇଁ ଅନୁପ୍ରାଣିତ କରୁଥିଲେ । ସେ ଏହା ମଧ୍ୟ କହୁଥିଲେ ଓ ଏହା ପ୍ରାର୍ଥନା କରୁଥିଲେ ଯେ ତୁମେମାନେ ଏହା ପ୍ରାର୍ଥନା କର ଯେ କିପରି ତୁମେ ହଜରତ ମସିହ ମଉଦ ଆ:ସଙ୍କ ସବୁଜ ଶାଖା ହୋଇ ରହିବ । ଶୁଷ୍କ ପ୍ରାୟ ଶାଖା ହେବାକୁ ଚେଷ୍ଟା କରନାହିଁ ଏବଂ କୌଣସି ବ୍ୟକ୍ତି ପାଇଁ ତୁମେ ବିପଦଗାମୀ ହେବାର କାରଣ ସାଜନାହିଁ ।

ପୁନଶ୍ଚ ତାଙ୍କର ସୁପୁତ୍ରୀ ନୁସରତ୍ ଯାହାଁ ସାହିବା କୁହନ୍ତି ସ୍ୱର୍ଗତା ଶୈଶବାବସ୍ଥାରୁ ହିଁ ଆମମାନଙ୍କର ସଂସ୍କାରର ଓ ପ୍ରଶିକ୍ଷଣର ବିଶେଷ ଧ୍ୟାନ ରଖୁଥିଲେ । ପବିତ୍ର କୁର୍‌ଆନ୍ କରିମ୍ ପାଠ କରିବା ସମୟରେ କୌଣସି ଆୟତରେ ଅଟକି ଯାଉଥିଲେ ଏବଂ ଆମକୁ ଏହାର ବ୍ୟାଖ୍ୟା କରି ବୁଝାଉଥିଲେ ଏବଂ ଗୁରୁଜନମାନଙ୍କର ଉତମ ଚର୍ଚ୍ଚା କରୁଥିଲେ । ଅନେକ ଅମୂଲ୍ୟ ତଥା ଶିକ୍ଷଣୀୟ ଉପଦେଶ ମୂଳକ ଗଳ୍ପ ଆମକୁ କହୁଥିଲେ । ଏହି ସବୁ ଉପଦେଶଗୁଡ଼ିକୁ ପୂନରାବୃତି କରୁଥିଲେ ଏବଂ ଆମମାନଙ୍କୁ ସ୍ମରଣ କରାଉଥିଲେ ।

ଲାହୋର ଜିଲ୍ଲାର ସଦର ଲଜ୍‌ନା ଶମିମ୍ ସାହେବା ଯିଏ କି ନଓ୍ୱାବ ଅମ୍‌ତୁଲ୍ ହଫିଜ୍ ସାହେବଙ୍କର ସୁପୁତ୍ରୀ ମଧ୍ୟ ଅଟନ୍ତି । ସେ କୁହନ୍ତି ସ୍ୱର୍ଗତା ଜଣେ ଅସାଧାରଣ ମହିଳା ଥିଲେ, ଯେତେବେଳେ ବି ତାଙ୍କୁ ଚାନ୍ଦା ଦେବାପାଇଁ ଆହ୍ୱାନ ଦିଆଯାଉଥିଲା ସେ ତାଙ୍କର ଖୋଲା ହୃଦୟର ସହିତ ଚାନ୍ଦା ପଇଠ କରିଦେଉଥିଲେ ଏବଂ ବିପୁଳ ପରିମାଣର ଅର୍ଥ ଦାନ କରୁଥିଲେ । ଏଥିସହିତ ସେ ଏହା ମଧ୍ୟ କହୁଥିଲେ ଯେ, ଏହି ଚାନ୍ଦା ଦେବା ପ୍ରସଙ୍ଗରେ କାହାରି ଆଗରେ ମୋ ନାମ ପ୍ରକାଶ କରିବନାହିଁ । ସେ ଅତ୍ୟନ୍ତ ସରଳ ଓ ନିଷ୍କପଟ ମହିଳା ଥିଲେ, ନିଜର ବ୍ୟକ୍ତିଗତ ପ୍ରସଙ୍ଗରେ ତଥା ଜୀବନରେ ସେ ଅତି ସରଳ ଜୀବନଯାପନ କରୁଥିଲେ । ଏଥି ସକାଶେ କେତେକ ଲୋକମାନେ ତାଙ୍କୁ କୃପଣ ମହିଳା ବୋଲି ଭାବୁଥିଲେ କିନ୍ତୁ ସରଳ ଜୀବନଯାପନ କରିବା ତାଙ୍କର ଅଭ୍ୟାସ ଥିଲା । ଦାନ ଦକ୍ଷିଣା ମାମଲାରେ ସେ ଅତି ମୁକ୍ତ ହସ୍ତରେ ଦାନ କରୁଥିଲେ । ଶମିମ୍ ସାହେବା କୁହନ୍ତି ଏକଦା ମୁଁ ସ୍ୱର୍ଗତାଙ୍କୁ ନିଜ ଅଂଚଳରେ ମସ୍‌ଜିଦ୍ ନିର୍ମାଣ ପାଇଁ ଅର୍ଥ ଦାନ କରିବା ସକାଶେ ଆହ୍ୱାନ ଜଣାଇଲି । ଅର୍ଥାତ ତାଙ୍କର ଆଗରେ ଚର୍ଚ୍ଚା କଲି ସେତେବେଳେ ସେ ବିପୁଳ ପରିମାଣର ଅର୍ଥ ଯାହାକି ଆନୁମାନିକ ଏକ କୋଟି ଟଙ୍କା ହେବ ସେ ଚାନ୍ଦା ଆକାରରେ ପ୍ରେରଣ କରିଦେଇଥିଲେ ।

ପୁନଶ୍ଚ ତାଙ୍କର ନାତୁଣୀ ରଜିୟା ସାହିବା କୁହନ୍ତି ସେ ଆମମାନଙ୍କୁ ବାଲ୍ୟକାଳରୁ ଅନେକ ପୂଣ୍ୟ ଅର୍ଜନ କରିବାର ମାର୍ଗଦର୍ଶନ କରୁଥିଲେ । ବାଲ୍ୟକାଳରୁ ହିଁ ଆମମାନଙ୍କୁ ସୌଭାଗ୍ୟବତି ହେବାପାଇଁ ଦୁଆ କରିବାକୁ ଆହ୍ୱାନ ଦେଉଥିଲେ । ପୁଣ୍ୟବାନ ବରପ୍ରାପ୍ତି ହେବା ସକାଶେ ଆମକୁ ଦୁଆ କରିବା ପାଇଁ ଅନୁପ୍ରାଣିତ କରୁଥିଲେ ଏବଂ ସେ କୁହନ୍ତି ଛୋଟ ବୟସରେ ଯେତେବେଳେ ଆମେମାନେ ଲାଜ କରୁଥିଲୁ ସେତେବେଳେ ଆମମାନଙ୍କୁ ସେ ଏହା କହୁଥିଲେ ଯେ ଅଲ୍ଲାଃ ତାଲାଙ୍କ ଆଗରେ କୌଣସି ଲାଜ ସରମ କରିବା ଅନୁଚିତ । ଅଲ୍ଲାଃ ତାଲାଙ୍କ ଆଗରେ ଖୋଲା ମନର ସହିତ ଅଲ୍ଲାଃଙ୍କଠାରୁ ହିଁ ମାଗ । ଧାର୍ମିକ ପୁସ୍ତକଗୁଡ଼ିକ ସେ ନିୟମିତ ରୂପେ ପାଠ କରୁଥିଲେ । ଅନେକ ସମୟରେ ସେ ଚାରି ଚକିଆ ଯାନରେ ଯାତ୍ରା କରିବା ସମୟରେ ଦୁଆ ଓ ଦୁଆ ମୂଳକ କବିତା ପାଠ କରୁଥିଲେ । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିଙ୍କୁ ତଥା ଆଗାମି ବଂଶଧରଙ୍କୁ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା କ୍ଲାରା ଆପା ସାହେବାଙ୍କର । ସେ କାଜାଗିସ୍ତାନର ପୂର୍ବତନ ଅମୀର ଯମାତ୍ ସମ୍ମାନନୀୟ ରୋଲାନ୍ ସାସନ୍ ବାଇଫ୍ ସାହେବଙ୍କର ପତ୍ନୀ ଥିଲେ । ବିଗତ ଦିନ ତାଙ୍କର ମୃତ୍ୟୁ ଘଟିଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । କାଜାଗିସ୍ତାନର ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରିଛନ୍ତି ୧୯୯୪-୧୯୯୫ ମସିହାରେ ସେ ବୟତ କରି ଯମାତ୍ ଅହେମଦୀୟରେ ସାମିଲ ହୋଇଥିଲେ । ସ୍ୱର୍ଗତା କାଜାଗିସ୍ତାନର ଏକ ପ୍ରଶିଦ୍ଧ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ସ୍ୱାମୀ ସମ୍ମାନନୀୟ ରୋଲାନ୍ ସାସନ୍ ସାହେବ ଯମାତ୍ ଅହେମଦିୟା କାଜାକିସ୍ଥାନର ପ୍ରଥମ ଅମୀର ଯମାତ୍ ଏବଂ ରାଷ୍ଟ୍ରପତିଙ୍କ ଆଡ଼ଭାଇଜର୍ ମଧ୍ୟ ଥିଲେ । ତତ୍‌ସହିତ ସେ କାଜାକ୍ ଭାଷାରେ ଜଣେ ବିଖ୍ୟାତ ସାହିତ୍ୟିକ ମଧ୍ୟ ଥିଲେ । ସ୍ୱୟମ କ୍ଲାରା ସାହେବା ମଧ୍ୟ ଜଣେ ଭଲ ଓ ସଫଳ ଅନୁବାଦିକା ଓ ଲେଖିକା ଥିଲେ । କାଜାଗିସ୍ତାନର ଯମାତ୍ ଅହେମଦିୟାର ସଂସ୍ଥାପନର ଶ୍ରେୟ ମଧ୍ୟ ତାଙ୍କ ଓ ତାଙ୍କ ସ୍ୱାମୀଙ୍କ ଆଡ଼କୁ ଯାଉଛି । ସମ୍ମାନନୀୟା ସ୍ୱର୍ଗତା କ୍ଲାରା ସାହେବା ପବିତ୍ର କୁର୍‌ଆନ୍ କରିମ୍‌ର କାଜାକ୍ ଭାଷାରେ ଅନୁବାଦ ମଧ୍ୟ କରିଥିଲେ, ଯାହା କୌଣସି କାରଣରୁ ଏପର୍ଯ୍ୟନ୍ତ ପ୍ରକାଶ ପାଇପାରିନାହିଁ କିନ୍ତୁ ତହିଁରୁ ତାଙ୍କର ଯମାତ୍ ପ୍ରତି ଥିବା ଆନ୍ତରିକତା ଓ ନିଷ୍ଠା ପୂର୍ଣ୍ଣ ସମ୍ପର୍କ ପ୍ରକାଶ କରୁଅଛି । ତାଙ୍କର ଏହି ପ୍ରୟାସ ଥିଲା ଯେ, ଅହେମଦୀୟତକୁ କାଜାଗିସ୍ତାନରେ ଅଙ୍କୁରିତ ହେଉଥିବାର ଦେଖିବାକୁ ସେ ଚାହୁଁଥିଲେ ଓ ଏଥିପାଇଁ ସେ ଯଥାସମ୍ଭବ ଉଦ୍ୟମ ମଧ୍ୟ କରୁଥିଲେ । ସ୍ଥାନୀୟ ମୌଲବାଦୀ ବିରୋଧି ମୌଲବୀମାନେ ସେହି ବଂଶର ଚର୍ଚ୍ଚା କରି ଏବଂ ଏହି କଥାର ପରିପ୍ରକାଶ କରି କୁହନ୍ତି ଯେ ରୋଲାନ୍ ସାହେବ ଜଣେ ଅହେମଦୀ ଅଟନ୍ତି ଏବଂ ଏହି ଦୁହେଁ ସ୍ୱାମୀ ସ୍ତ୍ରୀ ହିଁ କାଜାଗିସ୍ତାନକୁ ପ୍ରଥମେ ଅହେମଦୀୟତ ଆଣିଥିଲେ । ସମ୍ମାନନୀୟା ସ୍ୱର୍ଗତା କ୍ଲାରା ସାହେବାଙ୍କ ସୁପୁତ୍ରୀ ମରହବା ଅସାସିନ୍ ବାଇଓ୍ୱ ଉଲ୍ଲେଖ କରନ୍ତି; ମୋ ମାତା ଜଣେ ଭଲ ଅନୁବାଦିକା ଥିଲେ, ସେ ସକଳ ଦିଗ ପ୍ରତି ଦୃଷ୍ଟିକୋଣ ରଖି କାର୍ଯ୍ୟ କରୁଥିଲେ । ଦୃଢ଼ ବ୍ୟକ୍ତିତ୍ୱ ସମ୍ପନ୍ନ ମହିଳା ଥିଲେ, ସେ ଅତି ପବିତ୍ର ଉଜ୍ଜ୍ୱଳ ସତ୍‌ଚରିତ୍ରା ସ୍ୱଭାବ ମହିଳା ଥିଲେ । ୧୯୯୫ ମସିହାରେ ଲଣ୍ଡନରେ ସ୍ଥାପିତ କାଜାଗିସ୍ତାନର ସଂସ୍କୃତି କେନ୍ଦ୍ର ହାଉସ୍ ଅଫ୍ ଆବାଏର ସଂସ୍ଥାପକମାନଙ୍କ ମଧ୍ୟରୁ ସେ ଜଣେ ଥିଲେ । ଲଣ୍ଡନରେ ହିଁ ସେ କାଜାଗିସ୍ତାନର ପୁସ୍ତକ ସଂକଳନ କଲେ ଏବଂ ସେହି ସମୟରୁ ହିଁ ସେ ଯମାତ୍ ଅହେମଦୀୟା ସଂସ୍ପର୍ଶରେ ଆସିଥିଲେ ଅର୍ଥାତ ଯମାତ୍ ସହିତ ତାଙ୍କର ପରିଚୟ ହୋଇଥିଲା । ଖଲିଫତୁଲ୍ ମସିହ ରାବେ ର:ଅଙ୍କ ହସ୍ତରେ ସେ ବୟତ କରି ଯମାତ୍ ଅହେମଦିୟାରେ ଅନ୍ତର୍ଭୁକ୍ତ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେ କେବଳ ମୋର ମାତା ନଥିଲେ ବରଂ ସେହି ସମସ୍ତଙ୍କ ପାଇଁ, ଯେଉଁମାନେ ତାଙ୍କ ନିକଟକୁ ସାହାଯ୍ୟ ଓ ପରାମର୍ଶ ନିମନ୍ତେ ଆସୁଥିଲେ, ସେ ସେମାନଙ୍କର ମଧ୍ୟ ମାତାତୂଲ୍ୟ ଥିଲେ ।

ନୋରମ୍ ତାଇବେକ୍ ସାହେବ କୁହନ୍ତି ଯମାତ୍‌ର ସମସ୍ତ ଯୁବଅହେମଦୀମାତ୍ର ତଥା ସମୂହ ଅହେମଦୀ ଜମାତ୍

କାଜାଗିସ୍ତାନର ସେ ମାଆ ଥିଲେ ଏବଂ ଏହି ମର୍ଯ୍ୟାଦା ତାଙ୍କୁ ପ୍ରାପ୍ତ ଥିଲା । ସେ କୁହନ୍ତି ମୁଁ ଦଶବର୍ଷ ମଧ୍ୟରେ କ୍ଲାରା ସାହେବାଙ୍କ ସେହି ଯୁଗକୁ ଅବଲୋକନ କରିଛି ଯାହା ପୂର୍ବରୁ ତିନିବର୍ଷରେ, ଅଧିକ ଓ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନାର ସହିତ ଏବଂ ବେଳେବେଳେ ଏକ ପାହାଡ଼ ପରି ଯମାତ୍‌ର ପ୍ରତିରକ୍ଷା ଓ ଯାମତିୟ ସେବାରେ ସେ ମଗ୍ନ ରହୁ ଥିଲେ କିନ୍ତୁ ପରବର୍ତୀ ସମୟରେ ଅସୁସ୍ଥତା ଓ ଅନ୍ୟାନ୍ୟ କାର୍ଯ୍ୟ ତଥା ପୁସ୍ତକର ସଂକଳନ ତଥା ପ୍ରକାଶନ ପ୍ରସ୍ତୁତି ଯୋଗୁଁ ପରବର୍ତୀ ସମୟରେ ସେ କାର୍ଯ୍ୟବ୍ୟସ୍ତ ହୋଇପଡ଼ିଥିଲେ କିନ୍ତୁ ହୃଦୟର ଅନ୍ତରରୁ ତାଙ୍କର ଏହି ପ୍ରୟାସ ରହୁଥିଲା ଯେ ମୁଁ ଯମାତ୍‌ର କିଭଳି ଅଧିକରୁ ଅଧିକ ସେବା ସମ୍ପାଦନ କରିବି ଏବଂ ଖିଲାଫତ୍ ଓ ଯମାତ୍ ପ୍ରତି ସର୍ବଦା ନିଷ୍ଠା ପ୍ରଦର୍ଶନ କରିବି ।

ତାଙ୍କର ସୁପୁତ୍ରୀ ଆହୁରି କୁହନ୍ତି ମୋ ପିତାମାତା କାଜାଗିସ୍ତାନରେ ଦୀର୍ଘକାଳ ଧରି ଦେଶଭକ୍ତ ଓ ଦେଶ ଓ ଜାତିର ସର୍ବୋଚ୍ଚ ଉନ୍ନତିର ପ୍ରତୀକ ରୂପେ ଚିହ୍ନିତ ହେଉଛନ୍ତି । ପିତାଙ୍କ ସଫଳତାର ପଛରେ ମାଆଙ୍କର ବହୁତ ବଡ଼ ହାତ ଥିଲା । ସେ ଯମାତ୍ ଅହେମଦିୟା କାଜାଗିସ୍ତାନ ପାଇଁ କେବଳ ଜଣେ ସକ୍ରିୟ ସଦର୍ ଲଜ୍‌ନା ନଥିଲେ ସମଗ୍ର କଜାକିସ୍ତାନ୍ ଜମାତର ସର୍ବପ୍ରଥମ ଅମୀର୍ ସାହେବଙ୍କର ସେ ଶିକ୍ଷୟତ୍ରୀ ମଧ୍ୟ ଥିଲେ । ସେ କୁହନ୍ତି ୧୯୯୬ ମସିହାରୁ ୧୯୯୯ ତଥା ଏହା ପରେ ମଧ୍ୟ ସେ ଅତ୍ୟନ୍ତ ପନ୍ଥାନୁଯାୟୀ ଯାମତ୍‌ର ମିଶନ ହାଉସ୍‌ରେ ଲଜ୍‌ନାର ସାପ୍ତାହିକ କ୍ଲାସର ସ୍ଥାପନ କରିଥିଲେ, ଯହିଁରେ ସଦର ଲଜ୍‌ନା ମୁବଲ୍ଲିଗ୍ ସାହେବଙ୍କୁ ନାନାପ୍ରକାର ପ୍ରଶ୍ନ କରନ୍ତି ଓ ପୁନଶ୍ଚ ସେହି ପ୍ରଶ୍ନଗୁଡ଼ିକର ଉତର ସେମାନଙ୍କୁ ଦିଆଯାଉଥିଲା । ଯମାତ୍ ଅହେମଦୀୟାର ସାହିତ୍ୟରେ ସମ୍ମାନନୀୟା ସ୍ୱର୍ଗତା କ୍ଲାରା ସାହେବାଙ୍କଠାରୁ ଉତମ ଓ ସଫଳ ଅନୁବାଦିକ ଅନ୍ୟ କେହି ନଥିଲେ । ସମ୍ମାନନୀୟା ସ୍ୱର୍ଗତା କ୍ଲାରା ସାହେବା ସମସ୍ତ ବୟଜ୍ୟୋଷ୍ଠ ଅହେମଦୀମାନଙ୍କ ମଧ୍ୟରୁ ସର୍ବୋତମ ଅହେମଦୀ ଥିଲେ ଯିଏ ଯମାତ୍‌ର ଯୁବ ଅହେମଦୀମାନଙ୍କ ପାଇଁ ଆଧ୍ୟାତ୍ମିକ ଦୃଢ଼ତାର ମାଧ୍ୟମ ପାଲଟିଥିଲେ । ସମ୍ମାନନୀୟା ସ୍ୱର୍ଗତା କ୍ଲାରା ସାହେବାଙ୍କଠାରେ ଯମାତିୟ ମହତ୍ୱ ଇସ୍‌ଲାମର ପ୍ରକୃତ ମନୋଭାବ ବିଦ୍ୟମାନ ରହିଥିଲା । କଠିନ ପରିସ୍ଥିତିରେ ସେ କେବେ ବି ଧୈର୍ଯ୍ୟହରା ହେଉନଥିଲେ ସର୍ବଦା ସ୍ୱୟମ ଅନ୍ୟମାନଙ୍କୁ ବିଜୟପ୍ରାପ୍ତି ସକାଶେ ମାର୍ଗଦର୍ଶନ କରୁଥିଲେ । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ କାଜାଗିସ୍ତାନରେ ଅହେମଦୀୟତ ପାଇଁ ତାଙ୍କର ଯେଉଁ ସବୁ ପ୍ରୟାସ ରହିଥିଲା ଅଲ୍ଲାଃ ତାଲା ସେଗୁଡ଼ିକ ପୂରଣ କରନ୍ତୁ ଏବଂ ତାଙ୍କର ପ୍ରାର୍ଥନାଗୁଡ଼ିକୁ ଗ୍ରହଣ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ଉଡ୍ୱିଙ୍ଗ କମାଣ୍ଡର ଅବ୍‌ଦୁର୍ ରଶିଦ୍ ସାହେବଙ୍କର ଯାହାଙ୍କ ବିଗତ ମାସରେ ବିୟୋଗ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ଅଲ୍ଲାଃ ତାଲାଙ୍କ କୃପାରୁ ସେ ଓ୍ୱସିୟତ କରିଥିଲେ ତାଙ୍କର ସୁପୁତ୍ର ଫାରୁକ୍ ସାହେବ କୁହନ୍ତି ତାଙ୍କ ବାପାଙ୍କ ନାମ ବାବୁ ଶେଖ୍ ଅବ୍‌ଦୁଲ୍ ଅଜିଜ୍ ଥିଲା । ଯିଏ ସେକ୍ରେଟାରୀ ମଜ୍‌ଲିସ୍ କାରପର୍‌ଦାଜ୍ ରହିଥିଲେ । ଏବଂ ତାଙ୍କର ବଡ଼ବାପା ଖାନ୍ ସାହେବ ଫରଜନ୍ଦ ଅଲୀ ଖାନ୍ ଥିଲେ । ଯାହାଙ୍କୁ ହଜରତ ମୁସ୍‌ଲେହ ମଉଦ୍ ର:ଅ ଯମାତ୍‌ର ଇତିହାସରେ ଲାହୋର୍ ଯମାତ୍‌ର ପ୍ରଥମ ଅମୀର ଯମାତ୍ ଭାବରେ ମୃତୟନ କରିଥିଲେ । ତାଙ୍କର ପିତା ନିଜ ଯୁବ ବୟସରେ ସ୍ୱୟମ ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ହସ୍ତରେ ବୟତ କରିଥିଲେ । ରସିଦ୍ ସାହେବ ନିଜର ପିତାଙ୍କ ସମ୍ପର୍କରେ କୁହନ୍ତି ସେ ନିଜ ଅଭିଭାବକଙ୍କର ଏକମାତ୍ର ସନ୍ତାନ ଥିଲେ ରଶିଦ୍ ସାହେବଙ୍କ ବାପାଙ୍କର ପ୍ରଥମ ସ୍ତ୍ରୀଙ୍କର ଦୁଇଜଣ ଝିଅ ଥିଲେ । ସେ ଅହେମଦୀ ହେବା ଯୋଗୁଁ ତାଙ୍କର ପ୍ରଥମ ସ୍ତ୍ରୀ ଦୁଇଜଣ ଝିଅକୁ ଧରି ଚାଲିଗଲେ । ଦ୍ୱିତୀୟ ବିବାହ ହେଲା ଏବଂ ଦ୍ୱିତୀୟ ପତ୍ନୀଙ୍କ ଠାରୁ ରଶିଦ୍ ସାହେବ ଜନ୍ମ ହେଲେ । ପ୍ରତ୍ୟେକ ତାଙ୍କ ପିତାଙ୍କର ପ୍ରଶଂସା କରୁଥିଲେ, ସେ ନିଜ ଅଭିଭାବକଙ୍କର ଅତ୍ୟନ୍ତ ଆଜ୍ଞାନୁବର୍ତୀ ପୁତ୍ର ଥିଲେ । ସେ ନିଜ ପିତାମାତାଙ୍କର ସର୍ବଦା ସେବା କରୁଥିଲେ । ଆଜ୍ଞାନବୁର୍ତିତା ତଥା ଆଜ୍ଞାପାଳନ କରିବାରେ ସର୍ବଦା ଆଗ ଧାଡ଼ିରେ ରହୁଥିଲେ । ଦେଶ ବିଭାଜନ ପର୍ଯ୍ୟନ୍ତ ସେ କାଦିଆନ୍‌ରେ ହିଁ ରହି ଶିକ୍ଷାପ୍ରାପ୍ତ କରିଥିଲେ । ପୁନଶ୍ଚ ସେ କୁହନ୍ତି ଦେଶ ବିଭାଜନ ସମୟରେ ତାଙ୍କ ପିତା ମଧ୍ୟ ଅନ୍ୟ ଦଳଙ୍କ ସହିତ କାଦିୟାନ୍‌ରୁ ଲାହୋର ପହଂଚିଗଲେ ଏବଂ ସେଠାରୁ ସେମାନେ ରବୁଓ୍ୱା ସ୍ଥାନାନ୍ତରିତ ହୋଇଥିଲେ । ୧୯୫୪ ମସିହାରେ ପ୍ରାୟତଃ ସେ ଏୟାରଫୋର୍ସରେ ସାମିଲ ହୋଇଥିଲେ ଏବଂ ବିଭିନ୍ନ ଏୟାରବେସ୍‌ରେ ତାଙ୍କର ବଦଳି ହୋଇଥିଲା । ଯେଉଁଠି ବି ସେ ରହିଥିଲେ ସେ ଅହେମଦୀୟତ ସମ୍ପର୍କରେ ଭଲ ଭାବରେ ଲୋକମାନଙ୍କୁ ତବ୍‌ଲିଗ୍ କରୁଥିଲେ । ଲିବିୟା ଠାରେ ମଧ୍ୟ କିଛି କାଳ ତାଙ୍କୁ ଡ଼େପୁଟିସନ୍‌ରେ ଯିବାକୁ ପଡ଼ିଥିଲା ଦେଶ ତରଫରୁ ପାକିସ୍ତାନ ତାଙ୍କୁ ପ୍ରେରଣ କରିଥିଲା । ଏ ସବୁ ସତ୍ତ୍ୱେ ମଧ୍ୟ ତାଙ୍କ ଫାଇଲ୍‌ରେ ଏହା ଉଲ୍ଲେଖ ରହିଥିଲା ଯେ, ସେ କାଦିୟାନୀ ଅଟନ୍ତି ତେଣୁ ସେ ଦେଶରୁ ବାହାରକୁ ଯାଇ ପାରିବେନାହିଁ କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ତାଙ୍କ ଅଫିସର ତାଙ୍କୁ ପ୍ରେରଣ କରିଦେଇଥିଲେ ଏବଂ କହିଥିଲେ ଯେ ତୁମ ଭଳି ଅଫିସର ମତେ ଅନ୍ୟ କୌଣସି ବ୍ୟକ୍ତି ଦୃଶ୍ୟମାନ ହେଉନାହାନ୍ତି ଓ ମୋର ନଜରରେ ତୁମ ପରି ଆଉ କେହି ନାହାନ୍ତି । ସେ କୁହନ୍ତି ମୋ ପିତା କୁହନ୍ତି ଏକଦା ପାକିସ୍ତାନର ଲିବିୟାରେ ମୃତୟନ ଥିବା ରାଷ୍ଟ୍ରଦୂତଙ୍କୁ ସାକ୍ଷାତ କରିବାର ସୁଯୋଗ ମିଳିଲା ଯେତେବେଳେ ସେ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟରେ ପ୍ରବେଶ କଲେ ସେତେବେଳେ ଗୋଟିଏ ଦିଗରେ ଆରବୀ ଭାଷାରେ ଯମାତ୍ ବିରୁଦ୍ଧରେ ପୁସ୍ତକ ଓ ପାମ୍ପଲେଟ୍ସ ରଖାଯାଇଥିଲା । ଅତଏବ ରଶିଦ୍ ସାହେବ ଅତ୍ୟନ୍ତ ସାହାସିକତାର ସହିତ ତାଙ୍କୁ ପଚାରିଲେ ଏ ସବୁ କ'ଣ ଏ ସବୁ କାହିଁ ଏଠାରେ ରଖାଯାଇଛି ? ପ୍ରତ୍ୟୁତରରେ ସେ ଉତର ଦେଲେ ଯେ ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ ଏଗୁଡ଼ିକ ସବୁ ବେକାର ଜିନିଷ । ପୁଣି ସେ କହିଲା ଯେ ଏ ସବୁ ପୁସ୍ତକ ଓ ପାମ୍ପଲେଟ୍ସଗୁଡ଼ିକୁ ଆମକୁ ଜୁୟାଉଲ୍ ହକ୍ ସରକାର ପକ୍ଷରୁ ଛପା ଯାଇ ପଠାଯାଇଛି ଓ ସେ ନିର୍ଦ୍ଦେଶ ଦେଇଛନ୍ତି ଯେ ନିଜ ଦେଶରେ ଆପଣ ଏହି ପାମ୍ପଲେଟ୍ସ ଓ ପୁସ୍ତକଗୁଡ଼ିକ ବାଂଟନ୍ତୁ ଏବଂ ସମସ୍ତ ଆରବୀୟ ଦୂତାବାସକୁ ପ୍ରେରଣ କରନ୍ତୁ । ପୁନଶ୍ଚ ସେ କୁହନ୍ତି ଯେ ତାଙ୍କର ଗୋଟିଏ ରିପୋର୍ଟ ଅନୁଯାୟୀ ୧୯୮୨ ମସିହାରେ ଖଲିଫତୁଲ୍ ମସିହ ରାବେ ର:ଅ ଯେତେବେଳେ ସ୍ପେନ ଗସ୍ତରେ ଆସିଥିଲେ ସେତେବେଳେ ସେହିଠାରେ ହିଁ ହଜରତ ଖଲିଫତୁଲ୍ ମସିହ ରାବେ ର:ଅ ତାଙ୍କୁ ଅମୀର ଯମାତ୍ ଲିବିୟା ରୂପେ ନିଯୁକ୍ତ କରିଥିଲେ ଓ ସେ ଲିବିୟାରେ ପ୍ରଥମ ଅମୀର ଯମାତ୍ ରୂପେ ନିଯୁକ୍ତି ପାଇଥିଲେ । ନମାଜ ପାଠ କରିବା ତ ଠିକ୍ କଥା କାରଣ ଜଣେ ବିଶ୍ୱାସକାରୀର ଏହା କର୍ତବ୍ୟ । ସେ ପବିତ୍ର କୁର୍‌ଆନ୍ କରିମ୍ ଓ ଚାନ୍ଦା ପଇଠ କରିବାରେ ଅତ୍ୟନ୍ତ ନିୟମିତ ଅବଲମ୍ବନ କରିଥାଏ । ମୃତ୍ୟୁ ପୂର୍ବରୁ ସେ ନିଜ ହିସା ଆମଦ୍ ଅର୍ଥାତ ମଧ୍ୟ ଯମାତ୍ ନିକଟରେ ପଇଠ କରିସାରିଥିଲେ । ଓ୍ୱକ୍‌ଫେ ଜଦିଦ୍, ତହ୍‌ରିକେ ଜଦିଦ୍‌ର ଚାନ୍ଦା ମଧ୍ୟ ସେ ନିଜ ତରଫରୁ ତଥା ଅନ୍ୟ ବୟଜ୍ୟୋଷ୍ଠ ବ୍ୟକ୍ତିଙ୍କ ତରଫରୁ ନିଜ ଅର୍ଥରୁ ହିଁ ପଇଠ କରୁଥିଲେ । ହଜରତ ଖଲିଫତୁଲ୍ ମସିହ ସାନି ର:ଅଙ୍କ ଏକ ଘଟଣା ନିଜ ପୁତ୍ରକୁ ବର୍ଣ୍ଣନା କରିଥିଲେ । ତାହା ଏହିକି ଯେ, ରବୁଓ୍ୱାର ପ୍ରାଥମିକ ଗ୍ରୀଷ୍ମ ଦିନରେ କୌଣସି ଏକ ଅବସରରେ ଖଲିଫା ସାନି ତାଙ୍କୁ ଡ଼ାକିଲେ ତାଙ୍କ ପିତା ଖଲିଫତୁଲ୍ ମସିହ ସାନିଙ୍କ କୋଠରିକୁ ପ୍ରବେଶ କଲେ ତ' ହଜୁର ଚଟେଇ ଉପରେ ବିଶ୍ରାମ କରୁଥିଲେ । ଯେତେବେଳେ ଆପଣ ଉଠିଲେ ସେତେବେଳେ ହଜୁର ର:ଅଙ୍କ ଶରୀରରେ ଚଟେଇର ଦାଗ ବସିପଡ଼ିଥିଲା । ସେ କହିଲେ, ଏହି କାରଣ ଯୋଗୁଁ ଆମ ପିଲାମାନଙ୍କ ହୃଦୟରେ ମଧ୍ୟ ଖିଲାଫତ୍ ପ୍ରତି ପ୍ରେମ ଓ ଆଜ୍ଞାପାଳନର ନିବିଡ଼ ସମ୍ପର୍କ ସ୍ଥାପନ ହୋଇଯାଇଥିଲା ।

୧୯୮୪ ମସିହାରେ ସ୍କ୍ୱାର୍ଡ଼ନ ଲିଡ଼ର ପଦବୀରୁ ସେ ଅବସର ନେଇଥିଲେ ପୁନଶ୍ଚ ରବୁଓ୍ୱାରେ ନିୟମିତ ରୂପେ ସ୍ଥାୟୀ ଅବସ୍ଥାନ କରିଥିଲେ । ସଦର ଉମୁମି ଓ ଦାରୁଲ୍ କଜା କାର୍ଯ୍ୟାଳୟରେ କିଛି କାଳ କାର୍ଯ୍ୟ କରିଥିଲେ । ସେ ଅଭାବୀ ଓ ଦରିଦ୍ରମାନଙ୍କର ସୁଭାକାଂକ୍ଷୀ ଥିଲେ, ପ୍ରତ୍ୟେକ ବ୍ୟକ୍ତିଙ୍କର ଆବଶ୍ୟକତା ପୂରଣ କରୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରର୍ବତୀ ଯନାଜାଃ ହେଉଛି ସମ୍ମାନନୀୟା ଜୁବୈଦା ବେଗମ୍ ସାହିବାଙ୍କର ସେ ଆମେରିକାର କରିମ୍ ଅହେମଦ୍ ନଇମ୍ ସାହେବଙ୍କର ପତ୍ନୀ ଥିଲେ । ତାଙ୍କ ବିୟୋଗ ମଧ୍ୟ ଗତ ମାସରେ ଘଟିଛି *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସ୍ୱର୍ଗତା ଡ଼ାକ୍ତର ହସମତୁଲ୍ଲାଃ ଖାନ୍ ସାହେବଙ୍କର କନିଷ୍ଠ ବଧୂ ଥିଲେ । ସେ ଖିଲାଫତର ପାଗଳ ପ୍ରେମୀ ଥିଲେ ଏବଂ ଜେଣ ନୈଷ୍ଠିକା ମହିଳା ଥିଲେ । ଅଲ୍ଲାଃ ତାଲାଙ୍କ କୃପାରୁ ଓ୍ୱସିୟତ ମଧ୍ୟ କରିଥିଲେ । ତାଙ୍କ ପରିଜନଙ୍କ ମଧ୍ୟରେ ତିନିଜଣ ପୁତ୍ର ଓ ଦୁଇଜଣ ପୁତ୍ରୀ ସନ୍ତାନ ଅଛନ୍ତି । ତାଙ୍କର ଗୋଟିଏ ପୁତ୍ର ମୁନମ୍ ନଇମ୍ ସାହେବ ୟୁ.କେର ହ୍ୟୁମାନିଟିଫାଷ୍ଟ ବିଭାଗର ଚେୟାରମ୍ୟାନ ଅଛନ୍ତି । ଅବ୍‌ଦୁଲ୍ଲ ମନାନ୍ ସିଦ୍ଦିକ୍ ସାହେବାଙ୍କର ସେ ଶାଶୁ ଥିଲେ । ସ୍ୱର୍ଗତାଙ୍କ ସୁପୁତ୍ରୀ ଅମ୍‌ତୁସ୍ ସାଫି ଯିଏ କି ଡ଼ାକ୍ତର ମାନାନ୍ ସିଦ୍ଦିକ୍ ସାହେବଙ୍କର ପତ୍ନୀ ଅଟନ୍ତି ସେ ଉଲ୍ଲେଖ କରନ୍ତି ଯେ ସ୍ୱର୍ଗତା ପ୍ରତ୍ୟେକଙ୍କ ପ୍ରତି ପ୍ରେମ ଓ ଆନ୍ତରିକତାମୂଳକ ବ୍ୟବହାର ପ୍ରଦର୍ଶନ କରୁଥିଲେ । ସମସ୍ତଙ୍କ ପାଇଁ ଦୁଆ କରୁଥିଲେ ଏବଂ ସେଥିପାଇଁ ଅନ୍ୟମାନଙ୍କୁ ଅନୁପ୍ରାଣିତ ମଧ୍ୟ କରୁଥିଲେ । ନୈଷ୍ଠିକା, ଭଦ୍ର ମହିଳ. ଦରିଦ୍ର ଓ ଅଭାବିମାନଙ୍କର ସାହାଯ୍ୟ କରୁଥିବା ମହିଳା ଥିଲେ । ଅନ୍ୟମାନଙ୍କୁ ଉତମ ପରାମର୍ଶ ମଧ୍ୟ ଦେଉଥିଲେ ଯେ, ଦରିଦ୍ର ଓ ଅଭାବୀମାନଙ୍କର ସାହାଯ୍ୟ କରିବା ଉଚିତ । ପରିଜନମାନଙ୍କ ସହିତ ସର୍ବଦା ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ତାଙ୍କର ବିଶେଷ ଗୁଣ ଥିଲା । ତରୁଣୀ ବୟସରେ ସେ ତହ୍‌ଜୁଦ୍ ନମାଜ ପାଠ କରି ଆସୁଥିଲେ । ଅଲ୍ଲାଃ ତାଲାଙ୍କ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା । ଆମେମାନେ ପିଲାଟି ଦିନୁ ତାଙ୍କୁ ଜୁମା ଦିନ ବିଶେଷ କରି ତାଙ୍କର ନିଜର ସମୟକୁ ଉପାସନାରେ କାଳାତିପାତ କରୁଥିବାର ଦେଖିଆସୁଛୁ । ସେ ନିଜର ଚାନ୍ଦା ଯଥା ସମୟରେ ପଇଠ କରୁଥିଲେ ଏବଂ ଏଥିପାଇଁ ଚିନ୍ତିତ ଓ ବ୍ୟଗ୍ର ରହୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ହଫିଜ୍ ଅହେମଦ୍ ଘମନ୍ ସାହେବଙ୍କର ତାଙ୍କର ମଧ୍ୟ ବିଗତ ଦିନରେ ବିୟୋଗ ଘଟିଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସେ ପବିତ୍ର କୁର୍‌ଆନ୍ କରିମ୍‌ର

*ଅବଶିଷ୍ଟାଂଶ ପୃଷ୍ଠା- ୧୨ ରେ ଦେଖନ୍ତୁ...*

**ଯେତେବେଳେ ଅହମଦୀୟତର ଗଲ୍‌ଦା (ଜିତାପଟ) ହେବ ସେତେବେଳେ ମଧ ସମଗ୍ର ବିଶ୍ୱରେ ଗୋଟିଏ ହୁକୁମତ୍ (ସରକାର) ନଥିବ । ଅଲଗା ଅଲଗା ହୁକୁମତ ରହିଥିବ । ସେମାନଙ୍କ ଦେଶର ନିୟମକାନୁନ୍ ଇସ୍‌ଲାମୀୟ ନିୟମ କାନୁନ୍ ସହିତ ବିବାଦ କରୁନଥିବ । ସମଗ୍ର ବିଶ୍ୱରେ ପ୍ରକୃତ ଇସ୍‌ଲାମିକ୍ ଖିଲାଫତ୍ କେବଳ ଗୋଟିଏ ହିଁ ଥିବ । ସମସ୍ତ ହୁକୁମତ୍ (ଅର୍ଥାତ ସବୁ ଦେଶର ସରକାର) ବୌଦ୍ଧିକ ଓ ଆଧ୍ୟାତ୍ମିକ ଭାବରେ ଯୁଗ ଖଲିଫାଙ୍କଠାରୁ ମାର୍ଗଦର୍ଶନ ହାସଲ କରିବେ । ସେମାନଙ୍କ ରାଜନୈତିକ ମାମଲାରେ ଯୁଗ ଖଲିଫାଙ୍କର କୌଣସି ହସ୍ତକ୍ଷେପ ରହିବ ନାହିଁ ଏବଂ କୌଣସି ଖଲିଫା ସେନା ସାହାଯ୍ୟରେ କୌଣସି ଦେଶ ଉପରେ ଆକ୍ରମଣ କରିବେନାହିଁ**

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

## ଭାଗ-୬

**ପ୍ରଶ୍ନ-** ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ବଙ୍ଗଳା ଦେଶର ମୁରବୀ ମାନଙ୍କର ଭର୍ଚୁଆଲ୍ ସାକ୍ଷାତକାର ୮ ନଭେମ୍ବର ୨୦୨୦ରେ ଜଣେ ମୁରବୀ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଦରଖାସ୍ତ କଲେ ଯେ, ହଜରତ ମସିହ ମଉଦ ଆ:ସଙ୍କୁ ଗୋଟିଏ ଇଲ୍‌ହାମ୍ (ଭବିଷ୍ୟବାଣୀ) ହୋଇଥିଲା ଯେ, "ପହଲେ ବଙ୍ଗଲାକି ନିସ୍‌ବତ୍ ଯୋ କୁଛ ହୁକୁମ୍ ଜାରି କିୟା ଗୟା ଥା ଅବ ଉନ୍‌କି ଦିଲ୍‌ଜୁଇ ହୋଗି" ଅର୍ଥାତ ପ୍ରଥମେ ବଙ୍ଗଳା ନିବାସୀଙ୍କ ପାଇଁ ଯାହା କିଛି ନିର୍ଦ୍ଦେଶ ଜାରି କରାଯାଇଥିଲା ଏବେ ସେମାନଙ୍କୁ ଖୁସି କରାଇ ଦିଆଯିବ । ଏ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅଙ୍କ ମୁହଁରୁ କିଛି ଶୁଣିବାକୁ ଚାହୁଁଛୁ । ହଜୁର ଅନଓ୍ୱର ଅ:ବ:ଅ ଏ ସମ୍ବନ୍ଧରେ ନିମ୍ନଲିଖିତ ଉତର ପ୍ରଦାନ କଲେ ।

**ଉତର:-** ଏବେ ତ ଖୁସି ହେବାର ୧୩୦ ବର୍ଷ ହୋଇଗଲାଣି ଏବେ ବଙ୍ଗଳାବାସୀମାନେ କିଛି କାମ କରିବେ ତା ହେଲେ ପୁଣି ସେମାନଙ୍କୁ ଖୁସି କରାଯିବ । ତେଣୁ ଏବେ କାମ କରନ୍ତୁ ଓ କାମ କରାଇ ଦେଖାନ୍ତୁ । ନିଜ ଭିତରେ ଧର୍ମ ପରାୟଣତାର ସ୍ତରକୁ ଉଚ୍ଚ କରନ୍ତୁ, ନିଜ ଭିତରେ ଧର୍ମ ସେବା କରିବା ପାଇଁ ଆଗ୍ରହ ସୃଷ୍ଟି କରନ୍ତୁ ଓ ନିଜ ଦେଶରେ ଏକପ୍ରକାର ବିପ୍ଳବ ସୃଷ୍ଟି କରିବାପାଇଁ ଚେଷ୍ଟା କରନ୍ତୁ ।

ବିରୋଧ ଯେତେ ଅଧିକ ହୋଇଥାଏ ଯମାତ୍‌ର ପରିଚୟ ସେତେ ଅଧିକ ମାତ୍ରାରେ ଲୋକମାନଙ୍କ ନିକଟରେ ପହଂଚିଥାଏ । କାରଣ ଏହି ବିରୋଧ ସାର ଓ ମଞ୍ଜିର କାମ ଦେଇଥାଏ । ଅହେମଦୀମାନଙ୍କୁ ଯେତେ ମାଡ଼ ପଡୁଛି ସେତେସେତେ ସେମାନଙ୍କର ପରିଚୟ ହୋଇଚାଲିଛି ଦେଖ ପାକିସ୍ତାନରେ ଅହେମଦୀମାନଙ୍କୁ ମାଡ଼ ପଡୁଛି ସେହି ଅନୁପାତରେ ସମଗ୍ର ପୃଥିବୀରେ ଯମାତ୍‌ର ପରିଚୟ ମଧ ହେଉଅଛି । ପ୍ରଥମେ ତ' ପାକିସ୍ତାନରେ କେବଳ ସହରଗୁଡ଼ିକରେ ଯମାତ୍‌କୁ ବିରୋଧ କରାଯାଉଥିଲା । ତେଣୁ ସହରର ଲୋକମାନଙ୍କୁ ଏକଥା ଜଣାଥିଲା କିନ୍ତୁ ଏବେ ଗ୍ରାମୀଣ ଇଲାକାରେ ଓ ଛୋଟ ଛୋଟ ସ୍ଥାନରେ ମଧ ମୁଖାଲିଫତ୍ (ବିରୋଧ) କରାଯାଉଅଛି । ତେଣୁ ପ୍ରତ୍ୟେକ ସ୍ଥାନର ଲୋକମାନଙ୍କୁ ଯମାତ୍ ଅହେମଦୀୟା ବିଷୟରେ ଠିକଣା ମିଳିଗଲାଣି । ଏହି ପରିଚୟ ହେବା ଯୋଗୁଁ ବାହାର ଦେଶର ଲୋକମାନେ ମଧ ଅହେମଦୀମାନଙ୍କୁ ଚିହ୍ନୁଛନ୍ତି ଓ ନିଜ ଦେଶ ଭିତରେ ମଧ କିଛି ପୂଣ୍ୟ ପ୍ରକୃତିର ଲୋକମାନେ ଏ ବିଷୟକୁ ବୁଝି ପାରୁଛନ୍ତି । ତେଣୁ ସେମାନଙ୍କ ମଧ୍ୟରେ ଏ ମନୋଭାବ ସୃଷ୍ଟି ହେଉଛି ଯେ, ଆମେ ଯମାତ୍ ଅହେମଦୀୟା ବିଷୟରେ ଗବେଷଣା କରିବୁ ଯେ, ଏହା କ'ଣ ? ଇସ୍‌ଲାମ୍ ସମ୍ବନ୍ଧରେ ଅହେମଦୀମାନଙ୍କର ମନୋଭାବ କ'ଣ ? ଇସ୍‌ଲାମ୍‌କୁ ଏମାନେ କ'ଣ ଭାବୁଛନ୍ତି ? ହଜରତ ମୁହମ୍ମଦ ସ:ଆ:ସଙ୍କ ସ୍ଥାନ ଓ ପଦମର୍ଯ୍ୟାଦା ଏମାନଙ୍କ ଦୃଷ୍ଟିକୋଣରେ କ'ଣ ରହିଛି ? ଏବଂ ଅଲ୍ଲାଃଙ୍କ ବାଣୀକୁ ଅର୍ଥାତ ଅଲ୍ଲାଃଙ୍କ ପୁସ୍ତକକୁ ଏମାନେ କିଭଳି ମାନୁଛନ୍ତି ? ଯେତେବେଳେ ଏହି ଲୋକମାନେ ଅନୁସନ୍ଧାନ କରୁଛନ୍ତି ଓ ଗବେଷଣା କରୁଛନ୍ତି ସେତେବେଳେ ସେମାନେ ପୁଣି ଯମାତ୍‌ର ନିକଟତର ହେଉଛନ୍ତି ।

ତେବେ ଏ ଯେଉଁ ବିରୋଧ ହେଉଅଛି ଏହା ତ ଆପଣମାନଙ୍କ ପାଇଁ ସାର ସଦୃଶ ତେଣୁ ଏଥିରୁ ଲାଭ ଉଠାଇବା ପାଇଁ ଚେଷ୍ଟା କରନ୍ତୁ ଏବଂ ଯେତେବେଳେ ଆପଣମାନେ ବଳିଦାନ ଦେବେ ତା'ପରେ ଆପଣମାନଙ୍କୁ ଖୁସି କରିଦିଆଯିବ ଓ ଏଥିପାଇଁ ଅଲ୍ଲାଃଙ୍କ କୃପାରୁ ଆପଣମାନେ ବଳିଦାନ ମଧ ଦେଇଛନ୍ତି । ମସ୍‌ଜିଦ୍‌ରେ ବମ୍ ଫୁଟିଛି ଆମ ମୁରବୀଙ୍କର ଗୋଡ଼ ମଧ ନଷ୍ଟ ହୋଇଛି, କ୍ଷତାକ୍ତ ମଧ ହୋଇଛନ୍ତି ଏବଂ ଶହୀଦ ମଧ ହୋଇଯାଇଛନ୍ତି । ସୁତରାଂ ବେଳେବେଳେ ଏହିଭଳି ଘଟଣା ଘଟିଥାଏ । ହଜୁର ଅନଓ୍ୱର ଅ:ବ:ଅ କହିଲେ, ମୁଁ ପରିସ୍ଥିତିର ସୁଧାର ହେବାପାଇଁ ପ୍ରାର୍ଥନା କରୁଅଛି ମୁଁ ଏଥିପାଇଁ ବହୁତ ଚିନ୍ତାରେ ମଧ ରହୁଛି କିନ୍ତୁ ତା ସହିତ ଖୁସି ହେବାର ପଦମର୍ଯ୍ୟାଦା ପ୍ରାପ୍ତ କରିବାପାଇଁ ଆପଣମାନଙ୍କୁ ମଧ୍ୟ ଚେଷ୍ଟା କରିବାକୁ ପଡ଼ିବ ।

ତେଣୁ ପ୍ରତ୍ୟେକ ମୁରବୀ (ମୁବଲ୍ଲିଗ୍‌ଏବଂ ମୁଅଲ୍ଲିମ୍) ଏ ପ୍ରତିଜ୍ଞା କରୁ ଯେ, ସେ ଡ଼ରି ଡ଼ରି ଦିନ ବିତାଉ ଏବଂ ଧର୍ମ ପରାୟଣତାରେ ରାତି ବିତାଉ । ଅହେମଦୀୟତ୍‌ର ବାର୍ତ୍ତାକୁ ପହଂଚାଇବା ପାଇଁ ଯେଉଁ ଦାୟିତ୍ୱ ତା ଉପରେ ନ୍ୟସ୍ତ କରାଯାଇଅଛି ସେ ତାହାକୁ ଏକ ବିଶେଷ ଉତ୍ସାହର ସହିତ ଦେଶର କୋଣ ଅନୁକୋଣରେ ପ୍ରଚାର ପ୍ରସାର କରୁ ଏବଂ ସବୁଠାରୁ ଅଧିକ ଏହା କି ନିଜର କାର୍ଯ୍ୟ ନମୁନାକୁ ସେ ପ୍ରଦର୍ଶନ କରୁ ନିଜ ମଧରେ ସନ୍ତୁଷ୍ଟତା ସୃଷ୍ଟି କରୁ ଯାହା ମଧ ଅଳ୍ପ ବହୁତ ଆଲାଉନ୍ସ ମିଳୁଛି ଓ ଯାହା ମଧ ଅଳ୍ପ ବହୁତ ସୁବିଧା ସୁଯୋଗ ଯମାତ ତରଫରୁ ମିଳୁଅଛି ସେଥିରୁ ସେ ଅଧିକରୁ ଅଧିକ ଲାଭ ଉଠାଉ । ନିଜର କୁର୍ବାନୀ (ବଳିଦାନ)ର ସ୍ତରକୁ ଉଚ୍ଚରୁ ଉଚ୍ଚତର କରିଚାଲନ୍ତୁ । ଅଲ୍ଲାଃଙ୍କ ସହିତ ସମ୍ପର୍କକୁ ବଢ଼ାନ୍ତୁ ନିଜର ରାତିକୁ ଜୀବନ୍ତ କରନ୍ତୁ । ପ୍ରତ୍ୟେକ ମୁରବୀ ଏବଂ ମୁଅଲ୍ଲିମ୍‌ଙ୍କ କାମ ହେଉଛି ଏହା କି ଅତି କମ୍‌ରେ ତହଜୁଦ୍ ନମାଜ ଏକ ଘଂଟା ପର୍ଯ୍ୟନ୍ତ ପାଠ କରନ୍ତୁ । ନିଜ ନିଜର ସମୀକ୍ଷା କରନ୍ତୁ ଯେ, କଣ ଆପଣମାନେ ଏକ ଘଂଟା ତହଜ୍ଜୁଦ୍ ନମାଜ ପଢୁଛନ୍ତି ? କ'ଣ ଆପଣମାନେ ରାତିକୁ ଉଠି ଏକ ଘଂଟା ନଫିଲ୍ ନମାଜରେ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ କାନ୍ଦି କାନ୍ଦି ଦୁଆ କରୁଛନ୍ତି ଯେ, ଅଲ୍ଲାଃ ତାଲା ଆମ ପାଇଁ ସବୁ ସହଜ କରିଦିଅନ୍ତୁ ଓ ଯମାତ୍‌ର ଉନ୍ନତି ପାଇଁ ସୁବିଧା ସୁଯୋଗ ସୃଷ୍ଟି କରନ୍ତୁ । ପୁଣି ପବିତ୍ର କୁର୍‌ଆନ୍‌କୁ ଅନୁଧାନ କରି ପଢ଼ିବାପାଇଁ ଅଭ୍ୟାସ କରନ୍ତୁ କେବଳ କିଛି ପ୍ରସ୍ତୁତ ହୋଇ ରହିଥିବା ବିଷୟବସ୍ତୁଗୁଡ଼ିକୁ ପଢ଼ିଦେଲେ ଆପଣମାନଙ୍କୁ କିଛି ବି ପ୍ରାପ୍ତ ହେବନାହିଁ ତେଣୁ ନିଜର ଜ୍ଞାନକୁ ବଢ଼ାନ୍ତୁ ଓ ଜ୍ଞାନର ପରିସୀମାକୁ ବ୍ୟାପକ କରିବାପାଇଁ ଚେଷ୍ଟା କରନ୍ତୁ । ଏହି ଜିନିଷ ଆପଣମାନଙ୍କ ପାଇଁ ଆଗକୁ କାମରେ ଆସିବ ଇନ୍‌ଶାଅଲ୍ଲାଃ ଯଦ୍ୱାରା ଆପଣମାନେ ଏଥିରୁ ଲାଭ ଉଠାଇ ଅନ୍ୟ ଓ୍ୱଲେମାମାନଙ୍କ ସହିତ ତର୍କବିତର୍କ କରିବାପାଇଁ ମଧ ଯୋଗ୍ୟ ହୋଇଯିବେ । ଏବଂ ସାଧାରଣ ଲୋକମାନଙ୍କୁ ମଧ ବାସ୍ତବିକ କଥାକୁ ବତାଇବା ପାଇଁ ଯୋଗ୍ୟ ହେବେ ।

ଫିକା (ଧର୍ମବିଧାନ ସମ୍ବନ୍ଧୀୟ ନିୟମ କାନୁନ ସମ୍ବଳିତ ପୁସ୍ତକ) ଏବଂ ହଦିସ୍ ଓ କୁର୍‌ଆନ୍‌ର କିଛି ତଫ୍‌ସୀର୍ (ବ୍ୟାଖ୍ୟା) କିଛି ଗୈର୍ ଅହେମଦୀ ଓ୍ୱଲେମାମାନେ ମଧ ଆପଣଙ୍କଠାରୁ ଅଧିକ ପଢ଼ିଥିବେ ଓ ତାହା ପଢ଼ି ସେମାନେ ବୟାନ ମଧ କରିପାରିବେ କିନ୍ତୁ ଆପଣମାନେ ସେହି ସତ୍ୟକୁ ବର୍ଣ୍ଣନା କରିବେ ଯାହା ଏହି ଯୁଗର ହକମ୍ ଏବଂ ଅଦଲ୍ (ନ୍ୟାୟ ଓ ନିଷ୍ପତିକାରୀ) ହଜରତ ମସିହ ମଉଦ ଆ:ସ ଆମକୁ ବତାଇଛନ୍ତି ଓ ବୁଝାଇଛନ୍ତି । ଏହା ହିଁ ହେଉଛି ସେହି ଫିକା ଯାହା ଆମକୁ ଜାରି କରିବାକୁ ହେବ ଏହା ପବିତ୍ର କୁର୍‌ଆନ୍‌ର ବ୍ୟାଖ୍ୟା, ତାହା ହଦିସ୍‌ର ବର୍ଣ୍ଣନା ଯାହା ଆମେ ଏ ପୃଥବୀବାସୀଙ୍କୁ ବତାଇବା । ଏଥିସକାଶେ ଆପଣମାନଙ୍କୁ ପରିଶ୍ରମ କରିବାକୁ ପଡ଼ିବ ନିଜର ଜ୍ଞାନକୁ ବଢ଼ାଇବାକୁ ପଡ଼ିବ ଏବଂ ପୁଣି ଈଶ୍ୱରଙ୍କ ନିକଟରୁ ସାହାଯ୍ୟ ମାଗିବାକୁ ପଡ଼ିବ । ନିଜ ଜ୍ଞାନର ବୃଦ୍ଧି ନିମନ୍ତେ ମଧ ଅଲ୍ଲାଃଙ୍କ ନିକଟରେ ସାହାଯ୍ୟ ଭିକ୍ଷା କରନ୍ତୁ । ନିଜର ଆଧ୍ୟାତ୍ମିକ ଉନ୍ନତି ପାଇଁ ମଧ ଅଲ୍ଲାଃଙ୍କଠାରୁ ସାହାଯ୍ୟ ମାଗନ୍ତୁ ଏବଂ ଏହି ଦେଶରେ ଯମାତ ଅହେମଦୀୟାର ବାର୍ତ୍ତାକୁ ପହଂଚାଇବା ପାଇଁ ମଧ ଅଲ୍ଲାଃ ତାଲାଙ୍କଠାରୁ ସାହାଯ୍ୟ ମାଗନ୍ତୁ । ଏବଂ ମୁଖାଲିଫତ୍ (ବିରୋଧ) ଦୂର ହେବାପାଇଁ ମଧ ଅଲ୍ଲାଃଙ୍କ ନିକଟରୁ ସାହାଯ୍ୟ ଭିକ୍ଷା କରନ୍ତୁ । ନିଜ ଦେଶକୁ ଅଲ୍ଲାଃଙ୍କ କୋପ ଓ ଦଣ୍ଡରୁ ବଂଚାଇବା ପାଇଁ ମଧ ଅଲ୍ଲାଃ ତାଲାଙ୍କଠାରୁ ସାହାଯ୍ୟ ମାଗନ୍ତୁ । ଏହିଭଳି ବହୁତଗୁଡ଼ିଏ ପ୍ରାର୍ଥନା ରହିଛି ଯାହା ମଣିଷ କରିଥାଏ ତେଣୁ ତୁମେ ତାହା କରନ୍ତୁ ଗୋଟିଏ ଉତ୍ସାହ ଏବଂ ବେଦନାର ସହିତ ଏ ପ୍ରାର୍ଥନା ଯଦି କରିବେ ସେତେବେଳେ ଦେଖିବେ ଯେ, ଆପଣଙ୍କ ବଙ୍ଗଳା ବିଷୟରେ କିଭଳି ଗୋଟିଏ ବିପ୍ଳବ ସୃଷ୍ଟି ହେବ । ପୁଣି ଯଦି ଆପଣମାନଙ୍କ ଉପରେ ଅଳ୍ପ ବହୁତ କିଛି କଷ୍ଟ ମଧ ଆସିବ ଏପରି କ୍ଷେତ୍ରରେ ଅଲ୍ଲାଃ ତାଲା କହୁଛନ୍ତି ଯେ, ସେହି ଲୋକମାନେ ବହୁତ ଦୁଃଖକଷ୍ଟ ବରଦାସ୍ତ କରିସାରିଲେଣି ତେଣୁ ଏବେ ସେମାନଙ୍କୁ ଖୁସି ମଧ କରାଅ । ତା'ପରେ ଯାଇ ପ୍ରକୃତ ଆନନ୍ଦ ମିଳିବ ।

**ପ୍ରଶ୍ନ:-** ସେହି ସାକ୍ଷାତକାରରେ ଆଉ ଜଣେ ମୁରବୀ ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ନିବେଦନ କଲେ ଯେ, ମୋ ଇଲାକାରେ ଲୋକମାନେ ନିଜକୁ ମୁସଲମାନ ବୋଲାଉଛନ୍ତି କିନ୍ତୁ ଇସ୍‌ଲାମ୍ ସହିତ ସେମାନଙ୍କର କୌଣସି ସମ୍ପର୍କ ହିଁ ନାହିଁ । ତେଣୁ ସେମାନଙ୍କୁ କିପରି ତବ୍‌ଲିଗ୍ କରାଯିବ । ହଜୁର ଅନଓ୍ୱର ଅ:ବ:ଅ ଏହି

ପ୍ରଶ୍ନର ଉତର ନିମ୍ନରେ ପ୍ରଦାନ କଲେ ।

**ଉତର:** ସେମାନଙ୍କୁ ଏକଥା ବତାଇ ଦିଅ ଯେ, ତୁମେମାନେ ହେଉଛି ମୁସଲମାନ ତୁମେମାନେ ଯମାତ୍ ଅହେମଦୀୟାର ବାର୍ତାକୁ ଗ୍ରହଣ କରୁଛ ବା ନ କରୁଛ ସେଥିରେ କିଛି ଯାଏଆସେ ନାହିଁ କିନ୍ତୁ ତୁମେମାନେ ନିଜକୁ ମୁସଲମାନ ବୋଲାଉଛ ତେଣୁ ଅଲ୍ଲାଃ ଏବଂ ତାହାଙ୍କ ରସୁଲ୍‌ଙ୍କ ଏ ନିର୍ଦ୍ଦେଶ ରହିଛି ଯେ, ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌କୁ ଅବତୀର୍ଣ୍ଣ କରିଛନ୍ତି ତେଣୁ ତାହାକୁ ତୁମେମାନେ ପଢ଼ିବା ଉଚିତ । ସେହିଭଳି ପାଂଚବେଳା ନମାଜ ମଧ୍ୟ ପଢ଼ିବା ଉଚିତ । ସେହିଭଳି ଇସ୍‌ଲାମ୍‌ର ଯେଉଁ ମୌଳିକ ନୀତିଗୁଡ଼ିକ ଅଛି ତା' ଉପରେ ମଧ୍ୟ ପରିଚାଳିତ ହେବା ଉଚିତ । ସେମାନଙ୍କୁ ଆପଣମାନେ ବୁଝାନ୍ତୁ ଯେ, ଦେଖ ତୁମେମାନେ ମୁସଲମାନ ବୋଲାଉଛ ସେଥିପାଇଁ ଅଲ୍ଲାଃଙ୍କ ରସୁଲ୍‌ଙ୍କ ଉପରେ ତୁମମାନଙ୍କର ପୂର୍ଣ୍ଣ ବିଶ୍ୱାସ ସେତେବେଳେ ଯେତେବେଳେ ତୁମେମାନେ ହେବ ତାଙ୍କ ସୁନ୍ନତ ଉପରେ ପରିଚାଳିତ ହେବ । ପୁଣି ଅଲ୍ଲାଃ ତାଲା ସରିୟତ୍ ହିସାବରେ ପବିତ୍ର କୁର୍‌ଆନକୁ ଅବତୀର୍ଣ୍ଣ କରିଛନ୍ତି । ତେଣୁ ତାକୁ ପଢ଼ିବା ଆପଣମାନଙ୍କ ପାଇଁ ଜରୁରୀ ତେଣୁ ଏହାକୁ ପଢ଼ିବା ଶିଖନ୍ତୁ । ଯଦି ତୁମେମାନେ ପଢ଼ିପାରୁନାହଁ କିନ୍ତୁ ପଢ଼ିବା ଅତ୍ୟନ୍ତ ଆବଶ୍ୟକ ବୋଲି ଜାଣୁଅଛ ଓ ଏହାକୁ ଶିଖିବାପାଇଁ ଚାହୁଁଅଛ ତେବେ ଆମେ ତୁମମାନଙ୍କୁ ପବିତ୍ର କୁର୍‌ଆନ୍ ପଢ଼ାଇବା ପାଇଁ ଉପସ୍ଥିତ ଅଛୁ । ତା'ପରେ ପୁଣି ଅଲ୍ଲାଃ ଏବଂ ରସୁଲ୍‌ଙ୍କ କଥା ସେମାନଙ୍କୁ ବତାନ୍ତୁ । ପବିତ୍ର କୁର୍‌ଆନ୍ ସେମାନଙ୍କୁ ପଢ଼ାନ୍ତୁ ଓ ଏକଥା ସେମାନଙ୍କୁ କହିବା ଆବଶ୍ୟକ ନୁହେଁ ଯେ, ତୁମେମାନେ ଅହେମଦୀ ହୋଇଯାଅ ବା ନ ହୁଅ । ଯେତେବେଳେ ସେମାନେ ଏହିଭଳି ଉପାୟରେ ଇସ୍‌ଲାମ୍‌ର ଶିକ୍ଷାକୁ ଜାଣିନେବେ ତାହେଲେ ପୁଣି ସେମାନେ ନିଜେ ନିଜେ ଆଗକୁ ପାଦ ବଢ଼ାଇବେ । ସେମାନେ ଆପଣମାନଙ୍କୁ ପଚାରିବେ ଯେ, ଆମ ମୌଲବୀମାନେ ତ ଆମକୁ କିଛି ପଢ଼ାଉନଥିଲେ ତୁମେମାନେ ଆମକୁ ପଢ଼ାଉଛ ତେଣୁ ତୁମେମାନେ କିଏ ? ପୁଣି ଏହିଭଳି ଆଗକୁ କଥା ବଢ଼ିବ ଓ ତବ୍‌ଲିଗ୍ କରିବାର ରାସ୍ତା ମଧ୍ୟ ଖୋଲିଯିବ । ଦ୍ୱିତୀୟରେ ସେମାନଙ୍କ ପାଇଁ ପ୍ରାର୍ଥନା ମଧ୍ୟ କରନ୍ତୁ । ମୁସଲମାନମାନଙ୍କ ପାଇଁ ଦୁଆ ମଧ୍ୟ କରନ୍ତୁ । ଏହି ଯୁଗ ଥିଲା ଯେଉଁ ଯୁଗରେ ଇସ୍‌ଲାମ୍ କେବଳ ନାମକୁ ମାତ୍ର ରହିଯିବାର ଥିଲା ।

*ରାହା ଦୀନ୍ ବାକି ନା ଇସ୍‌ଲାମ୍ ବାକି*
*ଇସ୍‌ଲାମ୍ କା ରହ୍‌ଗୈୟା ନାମ୍ ବାକି*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 25 Nov 2021 Issue No. 47

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ଅର୍ଥାତ ନା ଧର୍ମ ବାକି ରହିଛି ନା ଇସ୍‌ଲାମ୍ ବାକି ରହିଛି କେବଳ ଇସ୍‌ଲାମ୍‌ର ନାମ ହିଁ ବାକି ରହିଯାଇଛି । ସେଥିପାଇଁ ତ' ହଜରତ ମସିହ ମଉଦ ଆ:ସଙ୍କୁ ଆସିବାର ଥିଲା । ସେଥିଯୋଗୁଁ ତ' ସେହି ମେହେଦୀ ଓ ମସିହଙ୍କୁ ଆସିବାର ଥିଲା ଯିଏ ଆସି ଲୋକମାନଙ୍କୁ ପୂର୍ନବାର ଈଶ୍ୱରଙ୍କ ନିକଟତର କରିବାର ଥିଲା ଏବଂ ପରସ୍ପର ପ୍ରତି ଥିବା କର୍ତବ୍ୟ ଓ ଅଧିକାରକୁ ସମ୍ପାଦନ କରିବା ପାଇଁ ଧାନ ଆକର୍ଷଣ କରାଇବାର ଥିଲା । ଏବେ ଲୋକମାନେ ଏହି ସବୁ ଜିନିଷଗୁଡ଼ିକୁ ଭୁଲିଗଲେଣି । ତେଣୁ ମସିହ ମଉଦ ଆସିବେ ଏବଂ ଏହା ହିଁ ହେଉଛି ମସିହ ମଉଦଙ୍କର ଯୁଗ ଓ ଏହା ହିଁ ହେଉଛି ମସିହ ମଉଦଙ୍କର କାର୍ଯ୍ୟ ଏବଂ ଏହା ହିଁ ହେଉଛି ମସିହ ମଉଦଙ୍କୁ ମାନୁଥିବା ଲୋକଙ୍କର କାର୍ଯ୍ୟ ଏବଂ ଯେଉଁ ଲୋକମାନେ ଧର୍ମ ଉପରେ ଚିନ୍ତା ବିଚାର କରି ନିଜକୁ ଧର୍ମ ସେବାପାଇଁ ୱକଫ୍ (ଉତ୍ସର୍ଗ) କରୁଛନ୍ତି, ତବ୍‌ଲିଗ୍ କରୁଛନ୍ତି ଏବଂ ତର୍‌ବିୟତ କରିବାପାଇଁ ନିଜକୁ ଉପସ୍ଥାପନ କରୁଛନ୍ତି ଆପଣମାନେ ହିଁ ହେଉଛନ୍ତି ସେହି ଲୋକ । ସୁତରାଂ ଏହି ସୁବ କଥା ଗୁଡ଼ିକ ସେମାନଙ୍କ ନିକଟରେ ପହଂଚାନ୍ତୁ ଓ ସତ୍‌ବାର୍ତାକୁ ପହଂଚାନ୍ତୁ । ସେମାନଙ୍କୁ ବୁଝାଇ ଦିଅନ୍ତୁ ଯେ, ବାସ୍ତବରେ ଧର୍ମ ହେଉଛି କ'ଣ । ହଜୁର ଅନଓ୍ୱର ଅ:ବ:ଅ କହିଲେ, ହଜରତ ମୁହମ୍ମଦ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ମସିହ ମଉଦ ଆ:ସଙ୍କ ଆସିବାର ଯୁଗର ଲକ୍ଷଣ ହେଉଛି ଏହା ଯେ, ଏମାନେ ନାମକୁ ମାତ୍ର ମୁସଲମାନ ହୋଇଥିବେ ଓ ଇସ୍‌ଲାମ୍‌କୁ ସମ୍ପୁର୍ଣ୍ଣ ରୂପେ ଭୁଲିଯାଇଥିବେ ଏବଂ ଏମାନଙ୍କୁ କିଛି ବି ଜଣାନାହିଁ । କେବଳ ଲା ଇଲ୍ଲାହା ଇଲଲ୍ଲାହୁ ଏମାନେ କହୁଛନ୍ତି କିନ୍ତୁ ଏମାନଙ୍କୁ ଜଣାନାହିଁ ଯେ, ଏହି **ଲା ଇଲ୍ଲାହା ଇଲଲ୍ଲାହୁ** ଅର୍ଥ କ'ଣ ?

ମୁହମ୍ମଦୁର୍ ରସୁଲୁଲ୍ଲାଃହି ତ' ଏମାନେ କହୁଛନ୍ତି କିନ୍ତୁ ଏମାନଙ୍କୁ ଜଣାନାହିଁ ଯେ, ମୁହମ୍ମଦୁର୍ ରସୁଲୁଲ୍ଲାଃର ଆଦର୍ଶ କ'ଣ ? ଅତଏବ ଆମେମାନେ ଏହି କଥା ଲୋକମାନଙ୍କୁ ବତାଇବା ଉଚିତ । ଏଥିପାଇଁ ଆମକୁ ଚେଷ୍ଟା କରିବାକୁ ପଡ଼ିବ । ପ୍ରଥମେ ସେମାନଙ୍କୁ ଇସ୍‌ଲାମ୍ ସମ୍ବନ୍ଧରେ ବତାନ୍ତୁ ପୁଣି ଅହେମଦୀୟତ ସମ୍ବନ୍ଧରେ ସେମାନଙ୍କୁ ଆପଣାଛାଏଁ ଜ୍ଞାନ ମିଳିଯିବ ।

ଏହା ତ' ଅଲ୍ଲାଃ ତାଲାଙ୍କ ଓ ଅଲ୍ଲାଃଙ୍କ ରସୁଲ୍‌ଙ୍କ କଥନ ପୁରା ହେଉଅଛି ଯେ, ସେମାନଙ୍କୁ ଦୀନ୍ ଅର୍ଥାତ ଧର୍ମ ବିଷୟରେ କିଛି ଜଣାନାହିଁ ଏବଂ ଇସ୍‌ଲାମ୍‌ର କେବଳ ନାମ ହିଁ ରହିଯାଇଛି ଅର୍ଥାତ ଟାଇଟେଲ୍ ରହିଯାଇଛି ଏବଂ ଯାହା କିଛି ସେମାନଙ୍କ ମୁଲ୍ଲାମାନେ କହୁଛନ୍ତି ସେହି ମୁଲ୍ଲାମାନଙ୍କ କଥାରେ ଏମାନେ ପରିଚାଳିତ ହେଉଛନ୍ତି । ସେମାନେ କହୁଛନ୍ତି ଯେ, ଭଙ୍ଗାରୁଜା କରିଦିଅ ଅହେମଦୀମାନଙ୍କ ମୁଣ୍ଡ ଫଟାଇ ଦିଅ ଅହେମଦୀମାନଙ୍କର ଗୋଡ଼ ଭାଙ୍ଗିଦିଅ, ଅହେମଦୀମାନଙ୍କୁ ହତ୍ୟା କର, ଅହେମଦୀମାନଙ୍କ ଶହୀଦ କରିଦିଅ, ଅହେମଦୀମାନଙ୍କ ମସ୍‌ଜିଦ୍‌କୁ ଭାଙ୍ଗି ଦିଅ ଏବଂ ଅହେମଦୀମାନଙ୍କ ଧନସମ୍ପତିକୁ କ୍ଷତି ପହଂଚାଅ । କେବଳ ସେମାନଙ୍କ ନିକଟରେ ଏହି ସବୁ କଥା ରହିଯାଇଛି ଆଉ କ'ଣ ସେମାନଙ୍କ ନିକଟରେ ଅଛି ? ଏହି ସବୁ କଥା ଗୁଡ଼ିକ ଆମେ ସେମାନଙ୍କୁ ବହୁତ ପ୍ରେମ ଓ ସ୍ନେହର ସହିତ ବୁଝାଇବାକୁ ହେବ । ଅଲ୍ଲାଃ ତାଲା ଏହା ହିଁ ଆଦେଶ ଦେଇଛନ୍ତି ଯେ, ପ୍ରେମ ଓ ସ୍ନେହର ସହିତ କାମ କଲେ ଏମାନେ ତୁମମାନଙ୍କର ଭଲ ବନ୍ଧୁ ହୋଇଯିବେ । ୱଲିୟୁନ୍ ହମିମୁନ୍ କହିଛନ୍ତି ଅର୍ଥାତ ଏମାନେ ତୁମର ଗଭୀର ବନ୍ଧୁ ହୋଇଯିବେ ଏବଂ ଉତମ ସାଥି ହୋଇଯିବେ ।

**ପ୍ରଶ୍ନ:** ଆଉ ଜଣେ ମୁରବୀ ସାହେବ ସେହି ସାକ୍ଷାତକାର ସମୟରେ ହଜୁର ଅନଓ୍ୱର ଅ:ବ:ଅଙ୍କଠାରୁ ଜାଣିବାକୁ ଚାହିଁଲେ ଯେ, ହଜୁର ଅସିରେ ରାହେ ମୌଲା ଅର୍ଥାତ ଈଶ୍ୱରଙ୍କ ମାର୍ଗରେ ଜେଲ୍ ବରଣ କରିବାର ସୌଭାଗ୍ୟ ପାଇଛନ୍ତି ଯଦି ସେହି ଜେଲ୍ ରହଣି ସମୟର କିଛି କଥା ଜଣାଇବେ ତା'ହେଲେ ବହୁତ ଉପକୃତ ହେବୁ । ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ କଥା ସେହି ବାବଦରେ ବତାଇଲେ ।

**ଉତର:** କଣ କହିବି ? ମତେ ତ' ଅସିରେ ରାହେ ମୌଲା ଅର୍ଥାତ ଈଶ୍ୱରଙ୍କ ମାର୍ଗରେ ଜେଲ୍ ବରଣ କରିବା ସମୟରେ କିଛି ବି ଜଣାପଡ଼ିଲା ନାହିଁ ଯେ, ଜେଲ୍‌ରେ କେଉଁଭଳି ଦିନ କଟିଗଲା, ମୁଁ ସେଠାରେ ଅଲ୍ଲାଃଙ୍କର କୃପାକୁ ହିଁ ଦେଖୁଥିଲି । ଭୀଷଣ ଗରମ ଦିନ ଥିଲା କିନ୍ତୁ ଅଲ୍ଲାଃ ତାଲା ସେହି ଗରମକୁ ଥଣ୍ଡାରେ ପରିବର୍ତନ କରିଦେଲେ । ବହୁତ ଆରାମରେ ଆମେ ଜେଲ୍‌ରେ ବସି ରହିଥିଲୁ । କୌଣସି ପ୍ରକାରର ଚିନ୍ତା ତଥା କ୍ଷୁଧା ନଥିଲା ମନ ଭିତରେ ଏ ଧାରଣା ଥିଲା ଯେ, ଆମ ଉପରେ ଯେଉଁ ଦଫା ଲଗାଯାଇଛି ଏହାର ଦଣ୍ଡ ଆଜିବନ କାରାଦଣ୍ଡ ହୋଇପାରେ ବା ଫାସୀ । ଏହି ଦୁଇଟିରୁ ଗୋଟିଏ ମିଳିବ ହିଁ ମିଳିବ । ତେଣୁ ମୁଁ କହିଲି ଯେ, ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରିବି ଓ ଅଲ୍ଲାଃ ତାଲାଙ୍କୁ ପ୍ରସନ୍ନ କରିବାପାଇଁ ଚେଷ୍ଟା କରିବି । ବାକି ଯମାତ୍ ଖାତିର୍ ଯଦି ଦଣ୍ଡ ମିଳିଛି ତାହେଲେ ଏହା ମୋ ପାଇଁ ବଡ଼ ସୌଭାଗ୍ୟର କଥା । କିନ୍ତୁ ଅଲ୍ଲାଃ ତାଲାଙ୍କର ନିୟତି କିଛି ଅଲଗା ଥିଲା । ଅଲ୍ଲାଃ ତାଲା ଦଶ ଏଗାର ଏବଂ ବାରତମ ଦିନ ମତେ ଜେଲ୍‌ରୁ ବାହାର କରିଦେଲେ । ଏହାଠାରୁ ଅଧିକା ଆଉ କଣ ମୁଁ କହିପାରିବି । ମୁଁ କୌଣସି ବଡ଼ କାମ କରିନାହିଁ । ମୁଁ ତ ସେଥିରେ କିଛି ବି କରିନାହିଁ ।

**ପ୍ରଶ୍ନ:** ଏହି ସାକ୍ଷାତକାର ୮ ନଭେମ୍ବର ୨୦୨୦ ଦିନର ଶେଷ ସମୟରେ ଶ୍ରୀମାନ୍ ଅମୀର ସାହେବ ବଙ୍ଗଳା ଦେଶ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ନିବେଦନ କଲେ ଯେ, ଏ ଯୁଗରେ ଆପଣ ଖୁଦାତାଲାଙ୍କର ପ୍ରତିନିଧି ଭାବରେ ଆମ ବଙ୍ଗଳାଦେଶ ପାଇଁ ଏମିତି କିଛି ପ୍ରାର୍ଥନା କରନ୍ତୁ ଯଦ୍ୱାରା ଆମର ଭାଗ୍ୟ ହିଁ ବଦଳିଯିବ । ହଜୁର ଅନଓ୍ୱର ଅ:ବ:ଅ ମୁର୍କା ହସ ଦେଇ କହିଲେ,

**ଉତର:** ମୁଁ ଏ ପ୍ରାର୍ଥନା ସାରା ସଂସାରର ଲୋକମାନଙ୍କ ପାଇଁ କାହିଁକି ନ କରିବି ? କେବଳ ବଙ୍ଗଳାଦେଶ ପାଇଁ କାହିଁକି କରିବି ? ମତେ ସିମୀତ କାହିଁକି କରିଦେଉଛ ମୁଁ ତ ସାରା ସଂସାର ପାଇଁ ଦୁଆ କରୁଛି । ଅଲ୍ଲାଃ ତାଲା ପ୍ରତ୍ୟେକ ଜିନିଷ ପାଇଁ ଗୋଟି, ସମୟ ଧାର୍ଯ୍ୟ କରି ରଖିଛନ୍ତି । ଯେତେବେଳେ ସେ ସମୟ ଆସିଯିବ ତା'ହେଲେ ଇନ୍‌ଶାଅଲ୍ଲାଃ ତା ଭାଗ୍ୟ ମଧ୍ୟ ବଦଳିଯିବ । ହଜରତ ମୁହମ୍ମଦ ସ:ଆ:ସଙ୍କୁ କୌଣସି ଜଣେ ବ୍ୟକ୍ତି କହିଲେ ଯେ, ମୋ ପାଇଁ ପ୍ରାର୍ଥନା କରନ୍ତୁ ଯେ ମୋର ଅମୁକ କାମ ହୋଇଯିବ । ଏଥିରେ ମହାଭାଗ ସ:ଆ:ସ କହିଲେ ଯେ, ଠିକ୍ ଅଛି ମୁଁ ଦୁଆ କରିବି । ପୁଣି ମହାଭାଗ ସ:ଆ:ସ ତାକୁ ଡ଼କାଇ କହିଲେ ଯେ, ତୁମେ ମଧ ପ୍ରାର୍ଥନା କର ଓ ତୁମ ଦୁଆ ସାହାଯ୍ୟରେ ମୋ ଦୁଆକୁ ସାହାଯ୍ୟ କର । ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହା ଆପଣମାନଙ୍କର ମଧ କାର୍ଯ୍ୟ ଯେ, ଯେମିତି କି ମୁଁ ଆପଣମାନଙ୍କୁ କହିଛି ଯେ, ରାତିରେ ଉଠନ୍ତୁ । ପ୍ରତ୍ୟେକ ମୁରବୀ ଏବଂ ମୌଲିମ୍‌ମାନେ ଏକଥାକୁ ଗଣ୍ଠି ବାନ୍ଧି ରଖିଦିଅନ୍ତୁ ଯେ, ସେ ନିଶ୍ଚିତ ରୂପେ ନମାଜ ତହ୍‌ଯୁଦ୍ ପଢ଼ିବେ ଏବଂ ନିସ୍ୱାର୍ଥପର ହୋଇ କାମ କରିବେ । ଈଶ୍ୱରଙ୍କ ପ୍ରତି ଥିବା କର୍ତବ୍ୟ ମଧ ସମ୍ପାଦନ କରିବେ ଏବଂ ଈଶ୍ୱରଙ୍କ ଭକ୍ତମାନଙ୍କ ହକ୍ ମଧ ପ୍ରଦାନ କରିବାକୁ ହେବ । ନିଜର ଏହି ଧର୍ମ ସେବାକୁ ଈଶ୍ୱରଙ୍କର ଗୋଟିଏ କୃପା ବୋଲି ମଣିବ ଏବଂ ତା ପାଇଁ କୌଣସି ପୁରସ୍କାର ତଥା କୌଣସି ପ୍ରଶଂସାର ଆଶା ରଖିବନାହିଁ । ଯଦି ଆମେ ଏହିଭଳି କରିବା ତେବେ ଅଲ୍ଲାଃ ତାଲା ନିଜ କୃପାର ବର୍ଷା କରିବେ ଏବଂ ବହୁତ ଶୀଘ୍ର ବର୍ଷା କରାଇବେ । ଇନ୍‌ଶାଅଲ୍ଲାଃ ଆପଣମାନେ ଏହା ଦେଖିବେ । ଅଲ୍ଲାଃ ତାଲା ଆପଣମାନଙ୍କୁ ଏହାର ସୌଭାଗ୍ୟ ପ୍ରଦାନ କରନ୍ତୁ ଏବଂ ଆପଣମାନଙ୍କୁ ନିଜ ନିଜ କର୍ମକ୍ଷେତ୍ରରେ ସଫଳତା ପ୍ରଦାନ କରନ୍ତୁ । ଆମିନ୍ ।।

**(ଜହିର୍ ଅହେମଦ୍ ଖାନ୍ ମୁରବୀ ସିଲ୍‌ସିଲା ରେକଡ଼ିଂ ବିଭାଗର ଇନ୍‌ଚାର୍ଜ ପି.ଏସ୍ କାର୍ଯ୍ୟାଳୟ ଲଣ୍ଡନ)**

**(ଅଖ୍‌ବାର୍ ଅଲ୍‌ଫଜଲ ଇଂଟରନ୍ୟାସନାଲ୍ ୧୫ ଜାନୁୟାରୀ ୨୦୨୧କୁ ଧନ୍ୟବାଦ)**

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୯ ର ଅବଶିଷ୍ଟାଂଶ ......*

ଅନୁବାଦ ଓ ତଫ୍‌ସିର (ବ୍ୟାଖ୍ୟା) ପଢ଼ିବାର ଅଭିରୁଚି ରଖୁଥିଲେ । ହଜରତ ମସିହ ମଉଦ ଆ:ସଙ୍କ ପୁସ୍ତକର ମଧ ଅଧୟନ କରିବାପ୍ରତି ତାଙ୍କର ଅଭିରୁଚି ରହିଥିଲା । ରବୁଓ୍ୱାରେ ସେ ଧାର୍ମିକ ସେବା କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ସମୟାନୁବର୍ତୀ ବ୍ୟକ୍ତି ଥିଲେ ଜଣେ ଅତିଥି ସତ୍କାରକ ସନ୍ତାନ ବତ୍ସଳ, ସରଳ ସ୍ୱଭାବ, ପରିଶ୍ରମି ବ୍ୟକ୍ତି ଥିଲେ । ତାଙ୍କ ତୁଣ୍ଡରେ ସର୍ବଦା ଈଶ୍ୱରଙ୍କର ଚର୍ଚ୍ଚା ଜାରି ରହୁଥିଲା । ପ୍ରଭୁଙ୍କ ପ୍ରଶଂସା ଗାନ କରିବା ମହିଳା ଥିଲେ ଏବଂ ତାଙ୍କ ସୁଖରେ ଅଲ୍ଲାଃଙ୍କ ସ୍ତୁତିଗାନ କରିବା ଜାରି ରହୁଥିଲା । ମାନବିକତା ପ୍ରତି ସହାନୁଭୁତିରେ ସେ ଅଗ୍ରୀଣ ଥିଲେ । ସ୍ୱୟମକୁ କଷ୍ଟରେ ପକାଇ ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ବିଶେଷତା ଥିଲା । ଅଲ୍ଲାଃ ତାଲାଙ୍କ କୃପାରୁ ସେ ୱସିୟତ କରିଥିଲେ । ସେ ନିଜ ପରିଜନମାନଙ୍କ ମଧରେ ନିଜ ପତ୍ନୀଙ୍କ ବ୍ୟତିତ ତିନିଜଣ ପୁତ୍ର ଓ ତିନିଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ଗୋଟିଏ ପୁତ୍ର ତାଙ୍କର କାସିଫ୍ ହମିଦ୍ ବାଜଓ୍ୱା ସାହେବ୍ ଯିଏ କି ଆମ ପିଏସ୍ କାର୍ଯ୍ୟାଳୟରେ ବର୍ତମାନ ମୁବଲ୍ଲିଗ୍ ଭାବରେ କାର୍ଯ୍ୟରତ ଅଛନ୍ତି । ତାଙ୍କ ସୁପୁତ୍ରୀ ଅମ୍‌ତୁଲ୍ କୁଦୁସ୍ ସାହେବା କୁହନ୍ତି ସେ ଅତି ବିନମ୍ରତା ଓ ବିନୟ ପୂର୍ଣ୍ଣ ବ୍ୟକ୍ତି ଥିଲେ । ସରଳ ଜୀବନଯାପନ କରିବା, ସରଳ ଭୋଜନ କରିବା ତାଙ୍କ ଚରିତ୍ରରେ ଥିଲା ଓ ସେ ଆତ୍ମବଡ଼ିମା ଓ ବିଳାସବେସନଠାରୁ ଦୂରେଇ ରହୁଥିଲେ । ସେ ସର୍ବଦା ଅଭାବି ଓ ଦରିଦ୍ର ଲୋକମାନଙ୍କ ସାହାଯ୍ୟ ପାଇଁ ଚିନ୍ତିତ ରହୁଥିଲେ ଓ ସମ୍ବଳ ଓ ସାଧନ ହେବାମାତ୍ରେ ସେ ସଙ୍ଗେ ସଙ୍ଗେ ଅର୍ଥ ଦାନ କରୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ ତାଙ୍କ ପୁଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ।

⌘⌘⌘⌘⌘⌘⌘⌘⌘⌘⌘

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan